# ମହାଅଧିବକ୍ତା, ଓଡ଼ିଶାଙ୍କ ନବନିର୍ମିତ କାର୍ଯ୍ୟାଳୟ ନିମନ୍ତେ ଯାନବାହନ ରଖିବା ପାଇଁ ସ୍ଥାନ ନିର୍ମାଣ ପାଇଁ କଟକ ଜିଲ୍ଲା କଟକ ସଦର ତହସିଲ ଅନ୍ତର୍ଗତ ୟୁନିଟ୍ -୧୪, ନୟାସଡ଼କ, କଟକ ସହରରୁ  ଘରୋଇ ଜମି ଅଧିଗ୍ରହଣ ନିମନ୍ତେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ

ପ୍ରଦତ୍ତ ହେଲା


**ରାଜ୍ୟସାମାଜିକ ପ୍ରଭାବ ଆକଳନ ବିଭାଗ**

ନବକୃଷ୍ଣ ଚୌଧୁରୀ ସେଣ୍ଟର୍ ଫର୍ ଡେଭଲପମେଣ୍ଟ୍ ଷ୍ଟଡିଜ୍ (ଏନ.ସି.ଡି.ଏସ), ଭୁବନେଶ୍ୱର, ଓଡିଶା-୭୫୧୦୧୩

ଫୋନ.(୦୬୭୪)୨୩୦୧୦୯୪/୨୩୦୦୪୭୧, ଇ.ମେଲ sia.ncds@gov.in


ପ୍ରଦତ୍ତ କଲେ


**ଅଗ୍ରଣୀ**

ସା/ପୋ- ଶରତ, ଜିଲ୍ଲା- ମୟୁରଭଂଜ, ୭୫୭୦୭୯, ଓଡିଶା

ଇ.ମେଲ. agranee@yahoo.co.in, www.agranee.org

# ସୂଚୀପତ୍ର


| ବିଷୟ | ପୃଷ୍ଠା |
|---|---|
| **ଅଧ୍ୟାୟ -୧: ଅଧ୍ୟୟନର ସାରାଂଶ** | |
| ୧.୧ ପ୍ରକଳ୍ପର ଆବଶ୍ୟକତା | ୧-୧ |
| ୧.୨ ସର୍ବସାଧାରଣ ଉଦ୍ଦେଶ୍ୟରେ | ୧-୧ |
| ୧.୩ ପ୍ରକଳ୍ପର ଅବସ୍ଥାନ | ୧-୧ |
| ୧.୪ ପ୍ରକଳ୍ପର ବର୍ଣ୍ଣନା | ୨-୨ |
| ୧.୫ ବିକଳ୍ପର ପରୀକ୍ଷଣ | ୨-୨ |
| ୧.୬ ସାମାଜିକ ପ୍ରଭାବ | ୨-୨ |
| ୧.୭ ପ୍ରତିହତ ପଦକ୍ଷେପ | ୨-୨ |
| ୧.୮ ସାମାଜିକ ଲାଭ କ୍ଷତିର ବିଶ୍ଳେଷଣ | ୩-୩ |
| **ଅଧ୍ୟାୟ-୨ : ଉପକ୍ରମ ଓ ପ୍ରକଳ୍ପର ବର୍ଣ୍ଣନା** | |
| ୨.୧ ପୃଷ୍ଠଭୂମି | ୪-୪ |
| ୨.୨ ପ୍ରକଳ୍ପ ବିଷୟରେ | ୪-୪ |
| ୨.୩ ପ୍ରକଳ୍ପର ଆବଶ୍ୟକତା ଏବଂ ଯଥାର୍ଥତା | ୪-୫ |
| ୨.୪ ସର୍ବସାଧାରଣ ଉଦ୍ଦେଶ୍ୟରେ | ୫-୫ |
| ୨.୫ ବିକଳ୍ପର ପରୀକ୍ଷଣ | ୫-୬ |
| ୨.୬ ସରକାରୀ ନୀତି ଓ ଆଇନଗତ ଆଧାର | ୬-୧୦ |
| **ଅଧ୍ୟାୟ -୩: ଅଧ୍ୟୟନ ଦଳ ଗଠନ, ପଦ୍ଧତି ନିର୍ଣ୍ଣୟ ଓ ବିଷୟବସ୍ତୁ** | |
| ୩.୧ ଅଧ୍ୟୟନର ଉଦ୍ଦେଶ୍ୟ ଓ ପରିସର | ୧୧-୧୪ |
| ୩.୨ ଅଧ୍ୟୟନ ଦଳ ଗଠନ | ୧୪-୧୪ |
| ୩.୩ ଅଧ୍ୟୟନର ଧାରା | ୧୫-୧୫ |
| ୩.୪ ସଂଗୃହୀତ ତଥ୍ୟର ସ୍ରୋତ / ଧାରା | ୧୫-୧୫ |
| ୩.୫ ପଦ୍ଧତିର ପ୍ରୟୋଗ | ୧୫-୧୬ |
| ୩.୬ ତଥ୍ୟ ସଂଗ୍ରହ ପ୍ରକ୍ରିୟା | ୧୬-୧୬ |
| ୩.୭ ଅଧ୍ୟୟନର କାର୍ଯ୍ୟ ଧାରା | ୧୬-୧୭ |
| ୩.୮ ଜନ ବାର୍ତ୍ତାଳାପ | ୧୭-୧୮ |
| ୩.୯ ଅଧ୍ୟୟନ ଦଳ ସମ୍ମୁଖୀନ ହୋଇଥିବା ଆହ୍ୱାନ ସବୁ | ୧୯-୧୯ |

**ଅଧ୍ୟାୟ -୪ : ପ୍ରକଳ୍ପ ଦ୍ୱାରା ଅଧିଗୃହୀତ ହେବାକୁ ଥିବା ଜମିର ଆକଳନ ଓ ବିଶ୍ଳେଷଣ**

୪.୧ ଜମିର ଆକଳନ ୨୦-୨୧

୪.୨ ପ୍ରଭାବିତ ଜମିର କିସମ ୨୧-୨୧

୪.୩ ଜମି ଧାରଣ ଓ ଜଳସେଚନ ୨୧-୨୧

୪.୪ ପରିବାର ବ୍ୟତୀତ ଅନ୍ୟ ଦାବିଦାର ୨୨-୨୨

୪.୫ ପ୍ରଭାବିତ ଜମିର ବ୍ୟବହାର ପ୍ରକାର ୨୨-୨୨

୪.୬ ପ୍ରଭାବିତ ପରିବାରଙ୍କ ଚାଷର ପ୍ରକାର ୨୨-୨୨

୪.୭ ପ୍ରଭାବିତ ଜମି ଉପରେ ଥିବା ନିର୍ମାଣ ଓ ସମ୍ପତି ୨୨-୨୩

୪.୮ ପ୍ରଭାବିତ ଜମି ଉପରେ ନିର୍ଭରଶୀଳତା ୨୩-୨୩

**ଅଧ୍ୟାୟ-୫ : ପ୍ରଭାବିତ ପରିବାରମାନଙ୍କର ସାମାଜିକ ଓ ଅର୍ଥନୈତିକ ସ୍ଥିତି**

୫.୧ ଅଧ୍ୟୟନ ହୋଇଥିବା ଜିଲ୍ଲା ୨୪-୨୫

୫.୨ ଅଧ୍ୟୟନ ହୋଇଥିବା ବ୍ଲକ ୨୫-୨୬

୫.୩ ଅଧ୍ୟୟନ ହୋଇଥିବା ଗ୍ରାମ/ ୱାର୍ଡ଼ ବିଷୟରେ ୨୬-୨୬

୫.୪ ପ୍ରକଳ୍ପ ପ୍ରଭାବିତ ପରିବାରଙ୍କ ବିଷୟରେ ୨୬-୩୪

**ଅଧ୍ୟାୟ-୬ : ସାମାଜିକ ପ୍ରଭାବ ଓ ପାରିବାରିକ ଉପଲବ୍ଧି**

୬.୧ ସାମାଜିକ ପ୍ରଭାବ ଚିହ୍ନଟ ପାଇଁ ପ୍ରଣାଳୀ ୩୫-୩୬

୬.୨ ଆର୍ଥିକ ଅବନତି ଜନିତ ବିପଦ ଆକଳନ ୩୭-୩୭

**ଅଧ୍ୟାୟ-୭ : ସାମାଜିକ ପ୍ରଭାବ ପରିଚାଳନା ଯୋଜନା**

୭.୧ ସାମାଜିକ ପ୍ରଭାବ ପରିଚାଳନା ଯୋଜନାର ପଦ୍ଧତି ୩୮-୩୮

୭.୨ ସାମାଜିକ ପରିଚାଳନା ଯୋଜନା ୩୮-୩୯

୭.୩ ତଦାରଖ ଏବଂ ଆନୁଷ୍ଠାନିକ ବ୍ୟବସ୍ଥା ୩୯-୩୯

**ଅଧ୍ୟାୟ-୮ : ପ୍ରକଳ୍ପର ଆଶା କରାଯାଉଥିବା ଲାଭ ଓ କ୍ଷତିର ବିଶ୍ଳେଷଣ ଏବଂ ସୁପାରିଶ** ୪୦-୪୧

## ସାରଣୀ ତାଲିକା


ସାରଣୀ ୨.୧ : ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂଅର୍ଜନ ଓ ଥଇଥାନ ଆଇନ୍ ୨୦୧୩ ଆଇନ୍‌ର ବ୍ୟାଖ୍ୟା

ସାରଣୀ ୨.୨ : ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଥଇଥାନ ଆଇନ୍ ୨୦୧୩ ଆଇନର ସୁବିଧା ସୁଯୋଗ

ସାରଣୀ ୨.୩: ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ପାଇଁ ନିୟମାବଳୀ

ସାରଣୀ ୩.୧ : ଅଧ୍ୟୟନ ହେବାକୁ ଥିବା ଗ୍ରାମ ବିବରଣୀ

ସାରଣୀ ୩.୨ : ଅଧ୍ୟୟନରେ ସଂଶ୍ଳିଷ୍ଟ ଥିବା ସଭ୍ୟସଭ୍ୟାଙ୍କ ତାଲିକା

ସାରଣୀ ୩.୩: ଚିହ୍ନଟ ହୋଇଥିବା ସମସ୍ୟା ଓ ଏହାର ସମାଧାନ

ସାରଣୀ ୪.୧ : ପ୍ରକଳ୍ପ ପାଇଁ ଅଧିଗ୍ରହଣ ହେବାକୁ ଥିବା ଘରୋଇ ଜମି (ଏକରରେ)

ସାରଣୀ ୪.୨ : ପ୍ରକଳ୍ପ ପାଇଁ ଅଧିଗ୍ରହଣ ହେବାକୁ ଥିବା ଜମିର ମାଲିକାନା(ଏକରରେ)

ସାରଣୀ ୪.୩ : ପ୍ରକଳ୍ପ ପାଇଁ ଅଧିକୃତ ହେବାକୁ ଥିବା ଜମିର ବିବରଣୀ (ଏକରରେ)

ସାରଣୀ ୪.୪ : ପ୍ରଭାବିତ ଜମିର କିସମ

ସାରଣୀ ୪.୫ : ପ୍ରଭାବିତ ଜମି ପାଇଁ ପରିବାର ଲୋକଙ୍କ ବ୍ୟତୀତ ଅନ୍ୟ ଦାବିଦାର

ସାରଣୀ ୪.୬ : ପ୍ରଭାବିତ ଜମିର ବ୍ୟବହାର ପ୍ରକାର (ଏକରରେ)

ସାରଣୀ ୪.୭ : ପ୍ରଭାବିତ ହେବାକୁ ଯାଉଥିବା ବ୍ୟକ୍ତିଗତ ସଂପତ୍ତି

ସାରଣୀ ୫.୧ : ସଂକ୍ଷେପରେ ଜିଲ୍ଲାର ତଥ୍ୟ

ସାରଣୀ ୫.୨: ସଂକ୍ଷେପରେ ବ୍ଲକର ତଥ୍ୟ

ସାରଣୀ ୫.୩ : ପ୍ରଭାବିତ ପରିବାର ବିବରଣୀ

ସାରଣୀ ୫.୪ : ପ୍ରକଳ୍ପ ପ୍ରଭାବିତ ପରିବାରର ତଥ୍ୟ

ସାରଣୀ ୫.୫ : ପ୍ରଭାବିତ ଜନସଂଖ୍ୟାର ବୟସ ବିଭାଜନ

ସାରଣୀ ୫.୬ : ପରିବାର ପ୍ରକାର

ସାରଣୀ ୫.୭ : ପ୍ରଭାବିତ ଲୋକମାନଙ୍କର ଜାତି ଏବଂ ଧର୍ମ ବିଭାଜନ

ସାରଣୀ ୫.୮ : ବୈବାହିକ ସ୍ଥିତି

ସାରଣୀ ୫.୯ : ଶିକ୍ଷାର ସ୍ଥିତି:- (କ)

ସାରଣୀ ୫.୯ : ଶିକ୍ଷାର ସ୍ଥିତି:- (ଖ)

ସାରଣୀ ୫.୧୦ : ଗ୍ରାମ ଅନୁସାରେ ପାରିବାରିକ ବୃତ୍ତି ବିଭାଜନ

ସାରଣୀ ୫.୧୧ : ଗ୍ରାମ ଅନୁସାରେ ବାର୍ଷିକ ପାରିବାରିକ ଆୟ

ସାରଣୀ ୫.୧୨ : ଗ୍ରାମ ଅନୁସାରେ ମାସିକ ପାରିବାରିକ ବ୍ୟୟ

ସାରଣୀ ୫.୧୩ : ପ୍ରଭାବିତ ପରିବାରଗୁଡିକର ଖାଦ୍ୟ ବାବଦକୁ ହାରାହାରି ମାସିକ ଖର୍ଚ୍ଚ

ସାରଣୀ ୫.୧୪ : ବାସଗୃହର ସ୍ଥିତି

ସାରଣୀ ୫.୧୫ : ଗୃହ ଆସବାବପତ୍ର
ସାରଣୀ ୫.୧୬ : ଆନୁଷ୍ଠାନିକ ସ୍ୱାସ୍ଥ୍ୟକେନ୍ଦ୍ରର ଉପଲବ୍ଧତା
ସାରଣୀ ୫.୧୭ : ପ୍ରଭାବିତ ଅଂଚଳରେ ସମ୍ବେଦନଶୀଳତାର ସ୍ଥିତି
ସାରଣୀ ୫.୧୮ : ଜମିର ପ୍ରକାର
ସାରଣୀ ୫.୧୯ : ଜମିର ବ୍ୟବହାର
ସାରଣୀ ୬.୧: ପ୍ରକଳ୍ପର ବିଭିନ୍ନ ପର୍ଯ୍ୟାୟରେ ଘଟିବାକୁ ଥିବା ପ୍ରଭାବ

## ସଂଲଗ୍ନ

ସାମାଜିକ ପ୍ରଭାବ ଅଧ୍ୟୟନ ବିଜ୍ଞାପନ ଓ ଆର୍.ଓ.ଆର୍.
ପ୍ରକଳ୍ପ ଅଞ୍ଚଳର ସାମାଜିକ ଓ ସମ୍ବଳ ମାନଚିତ୍ର

ଅଧ୍ୟାୟ–୧

# ଅଧ୍ୟୟନର ସାରାଂଶ

## ୧.୧ ପ୍ରକଳ୍ପର ଆବଶ୍ୟକତା

ଓଡିଶାର ମହାଅଧିବକ୍ତାଙ୍କ ନବନିର୍ମିତ କାର୍ଯ୍ୟାଳୟ ଭବନଟି ଓଡିଶା ଉଚ୍ଚନ୍ୟାୟାଳୟ କଟକଙ୍କ ସମ୍ମୁଖରେ ଖୁବଶୀଘ୍ର ସମ୍ପୂର୍ଣ୍ଣ ହେବାକୁ ଯାଉଛି । ନୂତନ ଭବନଟି ସମ୍ପୂର୍ଣ୍ଣ ଭାବରେ ଆଧୁନିକ ସୂଚନା ଏବଂ ପ୍ରଯୁକ୍ତି ବିଦ୍ୟା ସଜ୍ଜିତ, ଯାହାକି ଓଡିଶା ଉଚ୍ଚନ୍ୟାୟାଳୟ ଏବଂ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ସମସ୍ତ ଆଇନଗତ ମାମଲାର ତଥ୍ୟ ଏବଂ ଡାଟାବେସକୁ ସଠିକ ଭାବରେ ସୁରକ୍ଷିତ ରଖିବା ପାଇଁ ଉପଯୋଗକରାଯିବ ।

ଯଦିଓ ନୂତନ କାର୍ଯ୍ୟାଳୟ ଭବନରେ ସୁରକ୍ଷା ସହିତ ସମସ୍ତ ପ୍ରକାରର ଆଧୁନିକ ସୁବିଧା ସୁଯୋଗ ଏବଂ ପ୍ରଯୁକ୍ତି ବିଦ୍ୟାର ସଠିକ ପ୍ରୟୋଗ କରାଯାଇଛି ତଥାପି କାର୍ଯ୍ୟାଳୟ ପରିସରରେ ଅଧିକାରୀ, ସରକାରୀ ଯାନବାହନ ରଖିବା ପାଇଁ ଆବଶ୍ୟକ ସ୍ଥାନର ଅଭାବ ରହିଛି । ନୂତନ କାର୍ଯ୍ୟାଳୟ ଭବନଟି ଅତି ଜନଗହଳିପୂର୍ଣ୍ଣ ସ୍ଥାନରେ ଅବସ୍ଥିତ ଥିବା ସହିତ ସଙ୍କୁଚିତ ରାସ୍ତା ସହିତ ସଂଯୋଗ ଥିବାରୁ ମହାଅଧିବକ୍ତାଙ୍କ ନୂତନ କାର୍ଯ୍ୟାଳୟ ପାଇଁ ପର୍ଯ୍ୟାପ୍ତ ଯାନବାହନ ରଖିବା ପାଇଁ ସ୍ଥାନର ଆବଶ୍ୟକତା ରହିଛି । ଏହାଦ୍ଵାରା କାର୍ଯ୍ୟାଳୟର ଯାନବାହନ ସୁରକ୍ଷିତ ରହିବା ସହିତ ରାସ୍ତାରେ ସର୍ବସାଧାରଣଙ୍କ ଗମନାଗମନ ନିଶ୍ଚିତ ଭାବେ ସୁଗମ ହେବ ।

## ୧.୨ ସର୍ବସାଧାରଣ ଉଦ୍ଦେଶ୍ୟରେ

ବର୍ତ୍ତମାନର ଜମି ଅଧିଗ୍ରହଣ ମାନ୍ୟବର ଉଚ୍ଚ ନ୍ୟାୟାଳୟ କଟକଙ୍କ ନିକଟରେ ହେଉଥିବା ନବନିର୍ମିତ ମହାଅଧିବକ୍ତାଙ୍କ କାର୍ଯ୍ୟାଳୟ ନିମନ୍ତେ ଯାନବାହନ ରଖିବା ପାଇଁ ସ୍ଥଳ ନିର୍ମାଣ ହେଉଅଛି । ଯାହାକି କଟକ ଜିଲ୍ଲା କଟକ ସଦର ତହସିଲ ଅଧିନ ୟୁନିଟ ୧୪, ନୟାସଡକରେ ଅବସ୍ଥିତ । ପ୍ରସ୍ତାବିତ ଯାନବାହନ ରଖିବା ପାଇଁ ସ୍ଥାନ ନିର୍ମାଣ ପ୍ରକଳ୍ପଟି ହେବାଦ୍ଵାରା ମାନ୍ୟବର ଉଚ୍ଚ ନ୍ୟାୟଳୟ ସମ୍ମୁଖ ମୁଖ୍ୟ ରାସ୍ତାର ଭିଡ/ଗହଳିକୁ କମାଇବାରେ ସହାୟକ ହେବ । ତେଣୁ ନିଃସନ୍ଦେହ ଯେ ଉକ୍ତ ଜମି ଅଧିଗ୍ରହଣ ପ୍ରତ୍ୟକ୍ଷ ନ ହେଲେ ମଧ୍ୟ ପରୋକ୍ଷ ଭାବେ ସର୍ବସାଧାରଣ ଉଦ୍ଦେଶ୍ୟ ଏବଂ ଉପକାର ପାଇଁ ଉଦ୍ଦିଷ୍ଟ ।

## ୧.୩ ପ୍ରକଳ୍ପର ଅବସ୍ଥାନ

ପ୍ରସ୍ତାବିତ ପ୍ରକଳ୍ପଟି କଟକ ଜିଲ୍ଲା କଟକ ସଦର ତହସିଲ ଅଧିନ ୟୁନିଟ ୧୪, ନୟାସଡକସ୍ଥିତ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଓଡିଶାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅବସ୍ଥିତ । ଭୌଗୋଳିକ ସ୍ଥିତି ହିସାବରେ ଦେଖିଲେ ୨୦.୪୬୫୦ ଉତର ଅକ୍ଷାଂଶ ଏବଂ ୮୫.୮୫୮୯ ପୂର୍ବ ଦ୍ରାଘିମା ମଧ୍ୟରେ ଅବସ୍ଥିତ ।

## ୧.୪ ପ୍ରକଳ୍ପର ବର୍ଣ୍ଣନା

କଟକ ଉଚ୍ଚ ନ୍ୟାୟଳୟ ସମ୍ମୁଖରେ ନବନିର୍ମିତ ମହାଅଧିବକ୍ତା କାର୍ଯ୍ୟାଳୟ କୋଠା ନିର୍ମାଣାଧିନ ରହିଛି । ରାଜ୍ୟର ବୃହତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ମାନ୍ୟବର ଓଡିଶା ଉଚ୍ଚନ୍ୟାୟଳୟ ଏବଂ ଭାରତର ଉଚ୍ଚତମ ନ୍ୟାୟାଳୟଙ୍କ ନିକଟରେ ଥିବା ସମସ୍ତ ସରକାରୀ ଆଇନଗତ ମାମଲାର ଡାଟାବେସ ଏବଂ ସୂଚନା ବଜାଇ ରଖିବା ପାଇଁ ନୂତନ କାର୍ଯ୍ୟାଳୟ କୋଠା ଆଧୁନିକ ସୂଚନା ଏବଂ ପ୍ରଯୁକ୍ତି ବିଦ୍ୟା ଭିତିଭୂମି ସହିତ ସୁସଜ୍ଜିତ ।

ଯଦିଓ ନୂତନ କାର୍ଯ୍ୟାଳୟ ସୌଧରେ ସୁରକ୍ଷା ଏବଂ ନିରାପତା ସହିତ ସମସ୍ତ ପ୍ରକାରର ଆଧୁନିକ ସୁବିଧା ଏବଂ ପ୍ରଯୁକ୍ତିବିଦ୍ୟା ପାଇଁ ବ୍ୟବସ୍ଥା ରହିଛି କିନ୍ତୁ ଯାନବାହନ ରଖିବା ପାଇଁ ଆବଶ୍ୟକ ସ୍ଥାନର ଅଭାବ ରହିଛି । କାର୍ଯ୍ୟାଳୟ କୋଠାଟି ଅତିଜନଗହଣିପୂର୍ଣ୍ଣ ସଂକୀର୍ଣ୍ଣ ରାସ୍ତା ସହିତ ସଂଯୋଗ ହୋଇଥିବାରୁ ପର୍ଯ୍ୟାପ୍ତ ଯାନବାହନ ରଖିବା ପାଇଁ ସ୍ଥାନର ଆବଶ୍ୟକ ରହିଛି । ନୂତନ କାର୍ଯ୍ୟାଳୟ ସୌଧ ତଳେ/ନିକଟରେ ଏକ ପ୍ରଶସ୍ତ ଯାନବାହନ ରହଣୀ ସ୍ଥାନ ନିର୍ମାଣ ହେଲେ ଏହା ନିଶ୍ଚିନ୍ତ ଭାବରେ କଟକ ଉଚ୍ଚନ୍ୟାୟାଳୟ ସମ୍ମୁଖ ମୁଖ୍ୟରାସ୍ତା ଭିଡନିୟନ୍ତ୍ରିତ ହେବା ସହିତ ଯାନବାହାନ ତଥା ପଥଚାରୀଙ୍କ ଯାତାୟତ ସୁଗମ କରିବ ।

## ୧.୫ ବିକଳ୍ପର ପରୀକ୍ଷଣ

ପ୍ରସ୍ତାବିତ ନବନିର୍ମିତ ମହାଅଧିବକ୍ତାଙ୍କ କାର୍ଯ୍ୟାଳୟ ନିମନ୍ତେ ଯାନବାହନ ରହଣୀ ସ୍ଥଳ ନିର୍ମାଣ ପ୍ରକଳ୍ପ ଦ୍ୱାରା ଯେପରି ଅଧିକ ଜନବସତି ଅଂଚଳ ଏବଂ ମୂଲ୍ୟବାନ ସମ୍ପତି ପ୍ରଭାବିତ ନ ହେବ ସେଥିପ୍ରତି ବିକଳ୍ପ ଅନ୍ୱେଷଣ ସମୟରେ ଯଥେଷ୍ଟ ଧ୍ୟାନ ଦିଆଯାଇଛି ।  ତଥାପି ପ୍ରସ୍ତାବିତ ପ୍ରକଳ୍ପ ପାଇଁ ହେବାକୁ ଥିବା ଜମି ଅଧିଗ୍ରହଣ ଦ୍ୱାରା କଟକ ଜିଲ୍ଲା କଟକ ସଦର ତହସିଲ ଅର୍ନ୍ତଗତ ୟୁନିଟ-୧୪, ନୟାସଡକର ଲୋକମାନେ ପ୍ରଭାବିତ ହେବେ । ତେଣୁ ବିସ୍ତୃତ ପ୍ରକଳ୍ପ ନକ୍ସା ପ୍ରସ୍ତୁତ ସମୟରେ ଭୂମି ଅଧିଗ୍ରହଣ ଏବଂ ପ୍ରକଳ୍ପ ସ୍ଥାପନ ଦ୍ୱାରା ସ୍ଥାନୀୟ ଅଧିବାସୀଙ୍କ ଉପରେ ପଡିବାକୁ ଥିବା ପ୍ରତିକୂଳ ପ୍ରଭାବକୁ ହ୍ରାସ କରିବା ପାଇଁ ଯଥା ସମ୍ଭବ ଚେଷ୍ଟା କରାଯାଇଛି ।

## ୧.୬ ସାମାଜିକ ପ୍ରଭାବ

- ୦୩ଟି ପରିବାରର ୦୩ଟି ପ୍ଲଟରୁ ୦.୧୧୯ ଏକର ବ୍ୟକ୍ତିଗତ ଘରବାରି ଜମି ପ୍ରଭାବିତ ହେବ ।
- ପ୍ରାୟତଃ ସମସ୍ତ ପ୍ରଭାବିତ ପରିବାର ଅନ୍ୟାନ୍ୟ ସାଧାରଣ ବର୍ଗର ଅଟନ୍ତି ।
- ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ବର୍ତମାନ ଦଖଲରେ ଥିବା ୧ଟି ପରିବାର ବିସ୍ଥାପିତ ହେବାର ସମ୍ଭାବନା ରହିଛି ।
- ପ୍ରଭାବିତ ଜମି ଅଧିଗ୍ରହଣ ଦ୍ୱାରା କୌଣସି ଦାରିଦ୍ର୍ୟତାର ବିପଦ ନାହିଁ ।

  ଉପରୋକ୍ତ ବିଶ୍ଳେଷଣରୁ ଜଣାଯାଏ ଯେ ପ୍ରକଳ୍ପର ମୋଟାମୋଟି ପ୍ରଭାବ ସକରାତ୍ମକ ଅଟେ ।

## ୧.୭ ପ୍ରତିହତ ପଦକ୍ଷେପ

- ସରକାରୀ ନିୟମ ମୁତାବକ ସଠିକ ମାତ୍ରା ଏବଂ ଶୀଘ୍ର କ୍ଷତିପୂରଣପ୍ରଦାନ ହେବାଦରକାର ।
- ନିର୍ମାଣ ଏବଂ ପୁରୁଣା ଘର ଭାଙ୍ଗିବା ସମୟରେ ଧୂଳି ନିୟନ୍ତ୍ରିତ ପାଇଁ ବିହିତ ପଦକ୍ଷେପ ନେବା ଜରୁରୀ ଅଟେ । ଆବଶ୍ୟକ ସ୍ଥଳେ ଖାଲି ସ୍ଥାନରେ ବୃକ୍ଷରୋପଣ ହେବା ଦରକାର ।

## ୧.୮ ସାମାଜିକ ଲାଭ କ୍ଷତିର ବିଶ୍ଳେଷଣ

**କ୍ଷତି**

- ପ୍ରକଳ୍ପ ଦ୍ୱାରା ୩ଟି ପରିବାରର ୦.୧୧୯ଏକର ବ୍ୟକ୍ତିଗତ ଘରବାରି କିସମର ଜମି ସହିତ ପୁରୁଣା ଦୁଇ ମହଲା କୋଠାଘର ଓ ୨ଟି ଦୋକାନ ଘର ହରାଇବେ ।
- ପ୍ରଭାବିତ ପ୍ରକଳ୍ପ ଦ୍ୱାରା କୌଣସି ସର୍ବସାଧାରଣ ସମ୍ପତି ପ୍ରଭାବିତ ହେବାର ସମ୍ଭାବନା ନାହିଁ ।

**ଲାଭ**

- ମହାଅଧିବକ୍ତା କାର୍ଯ୍ୟାଳୟ ପାଇଁ ଯାନବାହନ ରଖିବା ପାଇଁ ସ୍ଥାନ ମିଳିବ ।
- ରାସ୍ତାରେ ସର୍ବସାଧାରଣଙ୍କ ଗମନାଗମନ ସୁଗମ ହେବ ।

***

## ଅଧ୍ୟାୟ–୨

# ଉପକ୍ରମ ଓ ପ୍ରକଳ୍ପର ବର୍ଣ୍ଣନା

## ୨.୧ ପୃଷ୍ଠଭୂମି

ସାଧାରଣତଃ ମହାଅଧିବକ୍ତା ଆଇନକୁ ସୁରକ୍ଷା ଦେବା ଏବଂ ରାଜ୍ୟକୁ ପ୍ରତିନିଧିତ୍ୱ କରିବା ସହିତ ସର୍ବସାଧାରଣ ସ୍ୱାର୍ଥକୁ ସୁନିଶ୍ଚିତ କରିବା ପାଇଁ ସମ୍ବିଧାନିକ ଶାସନକୁ ସୁଦୃଢ କରିଥାଆନ୍ତି । ସେ ନିଶ୍ଚିତ କରନ୍ତି ଯେ ସମ୍ବିଧାନ ଏବଂ ଆଇନ ସହିତ ତାଳମେଳ ରଖି ଶାସନ କଳ କାର୍ଯ୍ୟନିର୍ବାହ କରୁଛି । ସେ ରାଜ୍ୟ ଆଇନ ଉପଦେଷ୍ଟା ଭାବରେ ନୀତି, ଖସଡା ଓ ସଠିକ ସାମ୍ବିଧାନିକ ଅନୁସରଣ ପାଇଁ ମାର୍ଗଦର୍ଶନ କରି ଥାଆନ୍ତି । ଏହା ସହିତ ସେ ରାଜ୍ୟ ଉଚ୍ଚ ନ୍ୟାୟାଳୟ ଏବଂ ବେଳେ ବେଳେ ଦେଶର ସର୍ବୋଚ୍ଚ ନ୍ୟାୟାଳୟରେ ରାଜ୍ୟକୁ ପ୍ରତିନିଧିତ୍ୱ କରି ଥାଆନ୍ତି । ମହାଅଧିବକ୍ତାଙ୍କ କାର୍ଯ୍ୟ ଗୁରୁତ୍ୱକୁ ଉପଲବଧି କରି ରାଜ୍ୟ ସରକାରଙ୍କ ଆଇନ ବିଭାଗ ଏକ ସ୍ୱନ୍ତ୍ର ଆଧୁନିକ ଅଧିବକ୍ତା କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ମଂଜୁର ପ୍ରଦାନ କରିଛନ୍ତି । ଯାହାକି ସାଧାରଣ ଜନତାକୁ ସର୍ବୋତମ ଆଇନ ଏବଂ ସମୟ ବୋଧସେବା ଯୋଗାଇବାରେ ସହାୟକ ହେବ ।

## ୨.୨ ପ୍ରକଳ୍ପ ବିଷୟରେ

କଟକ ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ ନବନିର୍ମିତ ମହାଅଧିବକ୍ତା କାର୍ଯ୍ୟାଳୟ କୋଠା ନିର୍ମାଣାଧିନ ରହିଛି । ରାଜ୍ୟର ବୃହତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ମାନ୍ୟବର ଓଡିଶା ଉଚ୍ଚନ୍ୟାୟାଳୟ ଏବଂ ଭାରତର ଉଚ୍ଚତମ ନ୍ୟାୟାଳୟଙ୍କ ନିକଟରେ ଥିବା ସମସ୍ତ ସରକାରୀ ଆଇନଗତ ମାମଲାର ଡାଟାବେସ ଏବଂ ସୂଚନା ବଜାଇ ରଖିବା ପାଇଁ ନୂତନ କାର୍ଯ୍ୟାଳୟ କୋଠା ଆଧୁନିକ ସୂଚନା ଏବଂ ପ୍ରଯୁକ୍ତି ବିଦ୍ୟା ଭିତିଭୂମି ସହିତ ସୁସଜିତ ।

ଯଦିଓ ନୂତନ କାର୍ଯ୍ୟାଳୟ ସୌଧରେ ସୁରକ୍ଷା ଏବଂ ନିରାପତା ସହିତ ସମସ୍ତ ପ୍ରକାରର ଆଧୁନିକ ସୁବିଧା ଏବଂ ପ୍ରଯୁକ୍ତିବିଦ୍ୟା ପାଇଁ ବ୍ୟବସ୍ଥା ରହିଛି କିନ୍ତୁ ଯାନବାହନ ରଖିବା ପାଇଁ ଆବଶ୍ୟକ ସ୍ଥାନର ଅଭାବ ରହିଛି । କାର୍ଯ୍ୟାଳୟ କୋଠାଟି ଅତି ଜନଗହଳିପୂର୍ଣ୍ଣ ସଂକୀର୍ଣ୍ଣ ରାସ୍ତା ସହିତ ସଂଯୋଗ ହୋଇଥିବାରୁ ପର୍ଯ୍ୟାପ୍ତ ଯାନ ରହଣୀ ସ୍ଥଳର ଆବଶ୍ୟକ ରହିଛି । ନୂତନ କାର୍ଯ୍ୟାଳୟ ସୌଧ ତଳେ/ନିକଟରେ ଏକ ପ୍ରଶସ୍ତ ଯାନବାହନ ରଖିବା ପାଇଁ ସ୍ଥାନ ନିର୍ମାଣ ହେଲେ ଏହା ନିଶ୍ଚିନ୍ତ ଭାବରେ କଟକ ଉଚ୍ଚନ୍ୟାୟାଳୟ ସମ୍ମୁଖମୁଖ୍ୟରାସ୍ତା ଭିଡନିୟନ୍ତ୍ରିତ ହେବା ସହିତ ଯାନବାହାନ ତଥା ପଥଚାରୀଙ୍କ ଯାତାୟତ ସୁଗମ କରିବ ।

## ୨.୩ ପ୍ରକଳ୍ପର ଆବଶ୍ୟକତା

ଓଡିଶାର ମହାଅଧିବକ୍ତାଙ୍କ ନବନିର୍ମିତ କାର୍ଯ୍ୟାଳୟ ସୌଧଟି ଓଡିଶା ଉଚ୍ଚନ୍ୟାୟାଳୟ କଟକଙ୍କ ସମ୍ମୁଖରେ ଖୁବଶୀଘ୍ର ସମ୍ପୂର୍ଣ୍ଣ ହେବାକୁ ଯାଉଛି । ନୂତନ ଭବନଟି ସମ୍ପୂର୍ଣ୍ଣ ଭାବରେ ଆଧୁନିକ ସୁଚନା ଏବଂ ପ୍ରଯୁକ୍ତି ବିଦ୍ୟା ସଜ୍ଜିତ,

ଯାହାକି ଓଡିଶା ଉଚ୍ଚନ୍ୟାୟାଳୟ ଏବଂ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ସମସ୍ତ ଆଇନଗତ ମାମଲାର ତଥ୍ୟ ଏବଂ ଡାଟାବେସକୁ ସଠିକ ଭାବରେ ସୁରକ୍ଷିତ ରଖିବା ପାଇଁ ଉପଯୋଗକରାଯିବ ।

ଯଦିଓ ନୂତନ କାର୍ଯ୍ୟାଳୟ ଭବନରେ ସୁରକ୍ଷା ସହିତ ସମସ୍ତ ପ୍ରକାରର ଆଧୁନିକ ସୁବିଧା ସୁଯୋଗ ଏବଂ ପ୍ରଯୁକ୍ତି ବିଦ୍ୟାର ସଠିକ ପ୍ରୟୋଗ କରାଯାଇଛି ତଥାପି କାର୍ଯ୍ୟାଳୟ ପରିସରରେ ଅଧିକାରୀ, ସରକାରୀ ଯାନବାହନ ରଖିବା ପାଇଁ ସ୍ଥାନର ଅଭାବ ରହିଛି । ନୂତନ କାର୍ଯ୍ୟାଳୟ ଭବନଟି ଅତି ଜନଗହଳିପୂର୍ଣ୍ଣ ସ୍ଥାନରେ ଅବସ୍ଥିତ ଥିବା ସହିତ ସଂକୁଚିତ ରାସ୍ତା ସହିତ ସଂଯୋଗ ଥିବାରୁ ମହାଅଧିବକ୍ତାଙ୍କ ନୂତନ କାର୍ଯ୍ୟାଳୟ ପାଇଁ ପର୍ଯ୍ୟାପ୍ତ ଯାନବାହନ ରଖିବା ପାଇଁ ସ୍ଥାନର ଆବଶ୍ୟକତା ରହିଛି । ଏହାଦ୍ୱାରା କାର୍ଯ୍ୟାଳୟର ଯାନବାହନ ସୁରକ୍ଷିତ ରହିବା ସହିତ ରାସ୍ତାରେ ସର୍ବସାଧାରଣଙ୍କ ଗମନାଗମନ ନିଶ୍ଚିତ ଭାବେ ସୁଗମ ହେବ ।

## ୨.୪ ସର୍ବସାଧାରଣ ଉଦ୍ଦେଶ୍ୟରେ

ସର୍ବସାଧାରଣ ଉଦ୍ଦେଶ୍ୟରେ ବ୍ୟକ୍ତିଗତ ମାଲିକାନାରେ ଥିବା ସମ୍ପତ୍ତିକୁ ସରକାର/ରାଷ୍ଟ୍ର ଅଧିଗ୍ରହଣ କରିପାରିବ, କିନ୍ତୁ ସାମ୍ବିଧାନିକ ବ୍ୟବସ୍ଥା ଆଧାରରେ ଏବଂ ଉପଯୁକ୍ତ କ୍ଷତିପୂରଣ ଦେବାପରେ ହେବା ଉଚିତ । ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ଅଧିନିୟମ ଅନୁସାରେ ଆଠ ପ୍ରକାର ଜମିର ଅଧିଗ୍ରହଣ ସର୍ବସାଧାରଣ ଉଦ୍ଦେଶ୍ୟରେ କରାଯାଇପାରିବ, ଯଥା ବନ୍ଦର, ରାଜପଥ, ଶକ୍ତି ପ୍ରକଳ୍ପ, ଜଳସେଚନ ଏବଂ ରେଳପଥ  ଇତ୍ୟାଦି  ।

ବର୍ତ୍ତମାନର ଜମି ଅଧିଗ୍ରହଣ ମାନ୍ୟବର ଉଚ୍ଚ ନ୍ୟାୟାଳୟ କଟକଙ୍କ ନିକଟରେହେଉଥିବା ନବନିର୍ମିତ ମହାଅଧିବକ୍ତାଙ୍କ କାର୍ଯ୍ୟାଳୟ ନିମନ୍ତେ ଯାନବାହନ ରଖିବା ପାଇଁ ସ୍ଥାନ ନିର୍ମାଣ ପାଇଁ ହେଉଅଛି । ଯାହାକି କଟକ ଜିଲ୍ଲା କଟକ ସଦର ତହସିଲ ଅଧିନ ୟୁନିଟ ୧୪, ନୟାସଡକରେ ଅବସ୍ଥିତ । ପ୍ରସ୍ତାବିତ ଯାନବାହନ ରଖିବା ପାଇଁ ସ୍ଥାନ ନିର୍ମାଣ ପ୍ରକଳ୍ପଟି ହେବାଦ୍ୱାରା ମାନ୍ୟବର ଉଚ୍ଚ ନ୍ୟାୟାଳୟ ସମ୍ମୁଖ ମୁଖ୍ୟ ରାସ୍ତାର ଭିଡ/ଗହଳିକୁ କମାଇବାରେ ସହାୟକ ହେବ । ତେଣୁ ନିଃସନ୍ଦେହ ଯେ ଉକ୍ତ ଜମି ଅଧିଗ୍ରହଣ ପ୍ରତ୍ୟକ୍ଷ ନ ହେଲେ ମଧ୍ୟ ପରୋକ୍ଷ ଭାବେ ସର୍ବସାଧାରଣ ଉଦ୍ଦେଶ୍ୟ ଏବଂ ଉପକାର ପାଇଁ ଉଦ୍ଦିଷ୍ଟ ।

## ୨.୫ ବିକଳ୍ପର ପରୀକ୍ଷଣ

ଯେକୌଣସି ପ୍ରକାରର ଭୂମି-ଅଧିଗ୍ରହଣ ହେଉନା କାହିଁକି ଏହା ଲୋକଙ୍କୁ ପ୍ରତ୍ୟକ୍ଷ ହେଉ ଅଥବା ପରୋକ୍ଷରେ ହେଉ ପ୍ରଭାବିତ କରିଥାଏ, ଯଦିଓ କୌଣସି ପ୍ରକାରର ବିକାଶ ପ୍ରକଳ୍ପ ସ୍ଥାପନ ପାଇଁ ଜମି ଏକ ମୁଖ୍ୟ ଆବଶ୍ୟକତା ଅଟେ । ତେଣୁ କୌଣସି ପ୍ରକାରର ପ୍ରକଳ୍ପ ସ୍ଥାପନ ପାଇଁ ସ୍ଥାନ ନିରୂପଣ ତଥା ଜମି ଅଧିଗ୍ରହଣ କଲାବେଳେ ନିମ୍ନ ଲିଖିତ ବିଷୟଗୁଡିକ ପ୍ରତି ଧ୍ୟାନ ଦେବା ଜରୁରୀ ଅଟେ ।

- ପ୍ରସ୍ତାବିତ ଜମିର ଭୌଗୋଳିକ ସ୍ଥିତି (ଜମି, ନଦୀ, ନାଳ ଏବଂ ରାସ୍ତା)
- ପ୍ରକଳ୍ପ ପାଇଁ ଯନ୍ତ୍ରପାତି ଏବଂ ସାମଗ୍ରୀ ନେବା ଆଣିବା ପାଇଁ ଯାତାୟତ ବ୍ୟବସ୍ଥା
- ପରିବେଶ ଅନୁକୂଳ ସ୍ଥିତି/ବ୍ୟବସ୍ଥାର ବିଚାର
- ପ୍ରଭାବିତ ହେବାକୁ ଥିବା ଜଙ୍ଗଲ ଅଂଚଳ ଏବଂ ଗଛକଟା ସଂଖ୍ୟା

- ପୁନର୍ବାସ ଏବଂ ଥଇଥାନ ବ୍ୟବସ୍ଥା
- ସାମାଜିକ ଏବଂ ଆର୍ଥିକ ଲାଭ କ୍ଷତିର ଆକଳନ

ପ୍ରସ୍ତାବିତ ନବନିର୍ମିତ ମହାଅଧିବକ୍ତାଙ୍କ କାର୍ଯ୍ୟାଳୟ ନିମନ୍ତେ ଯାନବାହନ ରଖିବା ପାଇଁ ସ୍ଥାନ ନିର୍ମାଣ ପ୍ରକଳ୍ପ ଦ୍ୱାରା ଯେପରି ଅଧିକ ଜନବସତି ଅଂଚଳ ଏବଂ ମୂଲ୍ୟବାନ ସଂମ୍ପତି ପ୍ରଭାବିତ ନ ହେବ ସେଥିପ୍ରତି ବିକଳ୍ପ ଅନ୍ୱେଷଣ ସମୟରେ ଯଥେଷ୍ଟ ଧ୍ୟାନ ଦିଆଯାଇଛି । ତଥାପି ପ୍ରସ୍ତାବିତ ପ୍ରକଳ୍ପ ପାଇଁ ହେବାକୁ ଥିବା ଜମି ଅଧିଗ୍ରହଣ ଦ୍ୱାରା କଟକ ଜିଲ୍ଲା କଟକ ସଦର ତହସିଲ ଅର୍ନ୍ତଗତ ୟୁନିଟ-୧୪, ନୟାସଡକର ଲୋକମାନେ ପ୍ରଭାବିତ ହେବେ । ତେଣୁ ବିସ୍ତୃତ ପ୍ରକଳ୍ପ ନକ୍ସା ପ୍ରସ୍ତୁତ ସମୟରେ ଭୂମି ଅଧିଗ୍ରହଣ ଏବଂ ପ୍ରକଳ୍ପ ସ୍ଥାପନ ଦ୍ୱାରା ସ୍ଥାନୀୟ ଅଧିବାସୀଙ୍କ ଉପରେ ପଡିବାକୁ ଥିବା ପ୍ରତିକୂଳ ପ୍ରଭାବକୁ ହ୍ରାସ କରିବା ପାଇଁ ଯଥାସମ୍ଭବ ଚେଷ୍ଟା କରାଯାଇଛି ।

## ୨.୬ ସରକାରୀ ନୀତି ଓ ଆଇନଗତ ଆଧାର

ପ୍ରସ୍ତାବିତ ପ୍ରକଳ୍ପ ପାଇଁ ବିଭିନ୍ନ ପ୍ରକାର ନୀତି ନିୟମ ପ୍ରଯୁର୍ଯ୍ୟ । ଏପରି ପ୍ରକଳ୍ପ କାର୍ଯ୍ୟକାରିତାରେ ବିଧି ବ୍ୟବସ୍ଥାକୁ ବୁଝିବା ପାଇଁ ନୀତି ନିୟମର ବିଶ୍ଳେଷଣ ଜରୁରୀ ଅଟେ । ଯାହାକୁ ବ୍ୟବହାର କରି ପ୍ରଭାବିତ ଲୋକଙ୍କୁ ଉପଯୁକ୍ତ କ୍ଷତିପୂରଣ ତଥା ନ୍ୟାୟ ପ୍ରଦାନ କରାଯାଇପାରିବ । ବିଶେଷ କରି ପୁନର୍ବାସ ଏବଂ ଥଇଥାନ କ୍ଷେତ୍ରରେ ତଳବର୍ଣ୍ଣିତ ବିଭିନ୍ନ ଧାରା ଏବଂ ଉପଧାରା ଗୁଡିକୁ ବ୍ୟବହାର କରି ପ୍ରଭାବିତ ଲୋକମାନଙ୍କର ସାମାଜିକ, ଆର୍ଥିକ, ପରିବେଶ ଏବଂ ସାଂସ୍କୃତିକ ସୁରକ୍ଷା ତଥା ସମସ୍ୟାଗୁଡିକର ସମାଧାନ କରାଯାଇ ପାରିବ । ଏଥିନିମନ୍ତେ ଏକ ସ୍ୱତନ୍ତ୍ର ପୁନର୍ବାସ ଏବଂ ଥଇଥାନ ନୀତି ପ୍ରଣୟନ କରାଯାଇଅଛି । ପ୍ରକଳ୍ପ କାର୍ଯ୍ୟକାରୀ ଅଧିକାରୀମାନେ ପ୍ରକଳ୍ପକାର୍ଯ୍ୟକାରିତା ସମୟରେ ଏହା ସୁନିଶ୍ଚିତ କରିବା ଉଚିତ ।

- ସମ୍ବିଧାନର ଧାରା ୪୦ ମୁତାବକ ରାଜ୍ୟ ସରକାରମାନେ ଚାହିଁଲେ ପଦକ୍ଷେପ ସ୍ୱରୁପ ଗ୍ରାମ ପଂଚାୟତ ଗଠନ କରି ସ୍ୱୟଂଶାସିତ ବ୍ୟବସ୍ଥା ଦ୍ୱାରା ଆବଶ୍ୟକସ୍ଥଳେ କ୍ଷମତାର ବ୍ୟବହାର କରିପାରିବେ । ଯାହାକି ସାର୍ବସାଧାରଣଙ୍କ ହିତ ସହିତ ଜଡିତ ଥିବ ।

- ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ - ୨୦୧୩କୁ ରାଜ୍ୟ ସରକାର କାର୍ଯ୍ୟକାରୀ କରିଥିବାରୁ ଏହାର ସମସ୍ତ ଧାରା ଉପଧାରା ଏଠାରେ ପ୍ରଯୁଜ୍ୟ ହେବ, ଅର୍ଥାତ ବଳୋବତ୍ତର ରହିବ । ପ୍ରକଳ୍ପ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରତ୍ୟେକ ପର୍ଯ୍ୟାୟରେ ପ୍ରଭାବିତ ଲୋକଙ୍କ ସ୍ୱାର୍ଥରକ୍ଷା ତଥା ସାମାଜିକ, ଆର୍ଥିକ, ସାଂସ୍କୃତିକ ଏବଂ ପରିବେଶିକ ପ୍ରଭାବକୁ ନିଶ୍ଚିତ ରୂପେ ପ୍ରତିହତ କରିବ । ପ୍ରଭାବିତଙ୍କ ପାଇଁ ଥିବା ନୀତିଗତ ବ୍ୟବସ୍ଥା ଏବଂ ସମସ୍ତ ସୁବିଧାସୁଯୋଗଗୁଡିକ ବର୍ଣ୍ଣନା କରାଗଲା ।

**ସାରଣୀ ୨.୧ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ର ବ୍ୟାଖ୍ୟା:**

| କ୍ର. ନଂ | ଧାରା/ଉପଧାରା | ନିର୍ଦ୍ଦେଶାବଳୀ |
|---|---|---|
| ୧ | ଧାରା ୪ (୧) | • ସାମାଜିକ ପ୍ରଭାବ ଆକଳନ (ସା.ପ୍ର.ଆ.)ଅଧ୍ୟୟନ ପାଇଁ<br>• ୬ ମାସ ମଧ୍ୟରେ ଅଧିସୂଚନା ପ୍ରକାଶ |
| ୨ | ଧାରା ୫ | • ଚୁଡାନ୍ତ ବିବରଣୀ ପାଇଁ ଜନଶୁଣାଣି |

| | | |
|---|---|---|
| ୩ | ଧାରା ୬(୧) | • ସା.ପ୍ର.ଆ. ବିବରଣୀ ପ୍ରକାଶନ |
| ୪ | ଧାରା ୭ (୧) | • ବିଶେଷଜ୍ଞ ଦଳଦ୍ୱାରା ସା.ପ୍ର.ଆ.<br>• ସୁପାରିସ ପ୍ରକାଶନ<br>• ୨ ମାସ ମଧ୍ୟରେ |
| ୫ | ଧାରା ୮ | • ସରକାରଙ୍କ ଦ୍ୱାରା ଜମି ଅଧିଗ୍ରହଣ ପ୍ରସ୍ତାବ ଏବଂ ସା.ପ୍ର.ଆ. ବିବରଣୀର ସମୀକ୍ଷା |
| ୬ | ଧାରା ୧୧ (୧) | • ଜମି ଅଧିଗ୍ରହଣ ପାଇଁ ପ୍ରାଥମିକ ଅଧିସୂଚନା ପ୍ରକାଶନ |
| ୭ | ଧାରା ୧୧(୫) | • ଜମିଜମା ଦଲିଲ ଠିକଠାକ କରିବା<br>• ୨ ମାସ ମଧ୍ୟରେ ଜମା କରିବା |
| ୮ | ଧାରା ୧୪ | • ଯଦି ଚୁଡାନ୍ତ ସା.ପ୍ର.ଆ. ବିବରଣୀ ପ୍ରଦାନର ୧୨ ମାସ ମଧ୍ୟରେ ଧାରା ୧୧ (୧) ଅଧିସୂଚନା ପ୍ରକାଶ କରା ନ ଯାଏ ତେବେ ସା.ପ୍ର.ଆ. ବିବରଣୀଟି ଅକାମି ହୋଇଯାଏ ।<br>• କିନ୍ତୁ ସରକାର ଚାହିଁଲେ ଆଉ ୧୨ ମାସ ସମୟ ବଢାଇ ଦେଇ ପାରନ୍ତି । |
| ୯ | ଧାରା ୧୫ (୧) | • ଅଭିଯୋଗ ଶୁଣାଣି<br>• ୧୧ (୧) ର ୨ ମାସ ମଧ୍ୟରେ |
| ୧୦ | ଧାରା ୧୬ (୧) | • ପୁନର୍ବାସ ଏବଂ ଥଇଥାନ ଯୋଜନା ପ୍ରସ୍ତୁତ<br>• ୧୧ (୧) ଅଧିସୂଚନା ପ୍ରକାଶନ ପରେ ପୁନର୍ବସତି ଏବଂ ଥଇଥାନ ପାଇଁ ପ୍ରଭାବିତ ପରିବାର ଗୁଡିକର ଜନଗଣନା ହେବ ।<br>• ସରକାରଙ୍କ ଦ୍ୱାରା ଜଣେ ନିଯୁକ୍ତ ବରିଷ୍ଠ ପ୍ରଶାସକ ପୁନର୍ବାସ ଏବଂ ଥାଇଥାନ ଦାୟିତ୍ୱରେ ରହିବେ । |
| ୧୧ | ଧାରା ୧୬ (୫) | • ପୁନର୍ବାସ ଏବଂ ଥଇଥାନ ଯୋଜନାର ଜନଶୁଣାଣି |
| ୧୨ | ଧାରା ୧୬ (୬) | • ପ୍ରାଥମିକ ପୁନର୍ବାସ ଏବଂ ଥାଇଥାନ ଯୋଜନା ଜିଲ୍ଲାପାଳଙ୍କ ନିକଟରେ ଉପସ୍ଥାପନା |
| ୧୩ | ଧାରା ୧୭ (୧) | • ଜିଲ୍ଲାପାଳ ଏବଂ କମିଟି ଦ୍ୱାରା ପୁନର୍ବାସ ଏବଂ ଥାଇଥାନ ଯୋଜନାର ସମୀକ୍ଷା |
| ୧୪ | ଧାରା ୧୮ | • କମିଶନରଙ୍କ ଦ୍ୱାରା ପୁନର୍ବାସ ଏବଂ ଥାଇଥାନ ଯୋଜନାର ଅନୁମୋଦନ |
| ୧୫ | ଧାରା୧୯ (୧) | • ପୁନର୍ବାସ ଏବଂ ଥାଇଥାନ ଯୋଜନା ଘୋଷଣା ଏବଂ ପ୍ରକାଶନ |
| ୧୬ | ଧାରା ୧୯ (୭) | • ଅଧିସୂଚନା ଅକାମୀ ଯଦି ୧୧ (୧) ର ୧୨ ମାସ ମଧ୍ୟରେ ବିଜ୍ଞାପନ ନ ହୁଏ । |
| ୧୭ | ଧାରା ୨୧ (୧) | • ଦଖଲ ପାଇଁ ଆଗ୍ରହୀ ଥିବା ବ୍ୟକ୍ତିଙ୍କୁ ନୋଟିସ ଜାରି |
| ୧୮ | ଧାରା ୨୩ | • ଜିଲ୍ଲାପାଳଙ୍କ ଦ୍ୱାରା ଜମି ଅଧିଗ୍ରହଣ |
| ୧୯ | ଧାରା ୨୫ | • ଜମି ଅଧିଗ୍ରହଣର ସମସ୍ତ ପ୍ରକ୍ରିୟା ଅକାମି ଯଦି ୧୯ (୧) ଘୋଷଣାର ୧୨ ମାସ ମଧ୍ୟରେ ଦାଖଲ ନ ହୁଏ । |
| ୨୦ | ଧାରା ୨୬ | • ଜିଲ୍ଲା ପାଳଙ୍କ ଦ୍ୱାରା ଅଧିକୃତ ହେବାକୁ ଥିବା ଜମିର ଦର ନିର୍ଦ୍ଧାରଣ |

| | | |
|---|---|---|
| ୨୧ | ଧାରା ୨୬ | • ଜିଲ୍ଲା ପାଖ ଭୂମିହରାମାନଙ୍କ ପାଇଁ କ୍ଷତିପୂରଣ ଘୋଷଣା କରିବେ । |
| ୨୨ | ଧାରା ୨୯ | ଜମି ଏବଂ ଘର ସହିତ ଜଡିତ ଥିବା ଅନ୍ୟାନ୍ୟ ସଂପତ୍ତିର ମୂଲ୍ୟ ନିର୍ଦ୍ଧାରଣ |
| ୨୩ | ଧାରା ୩୧ (୧) | • ଜିଲ୍ଲାପାଳଙ୍କ ଦ୍ୱାରା ପୁନର୍ବାସ ଏବଂ ଥଇଥାନ ରାଶି ଘୋଷଣା<br>• ସମସ୍ତ ପ୍ରାପ୍ୟ ଦେଲା ପରେ ଜିଲ୍ଲାପାଳ ସଂପୃକ୍ତ ଜମିକୁ ଦଖଲକୁ ନେବେ । |
| ୨୪ | ଧାରା ୩୮ (୧) | • ପ୍ରକଳ୍ପ ଅଧିକାରୀଙ୍କୁ କ୍ଷମତା ପ୍ରଦାନ ଜିଲ୍ଲାପାଳଙ୍କଠାରୁ ଅଧିଗୃହୀତ ଜମି ନେବା ପାଇଁ । |
| ୨୫ | ଧାରା ୩୮ (୨) | • ପ୍ରଭାବିତ ପରିବାର ବାସଚ୍ୟୁତ ହେବା ପୂର୍ବରୁ ପୁନର୍ବାସ ଏବଂ ଥଇଥାନ ପ୍ରକ୍ରିୟା ସବୁ ଦିଗରୁ ଶେଷ ହେବା ଦରକାର । |
| ୨୬ | ଧାରା ୪୩ (୩) | • ପୁନର୍ବାସ ଏବଂ ଥଇଥାନ ଯୋଜନାର ପ୍ରସ୍ତୁତି, କାର୍ଯ୍ୟକାରୀ ଏବଂ ତଦାରଖ ଦାୟିତ୍ୱ ପ୍ରକଳ୍ପ ପ୍ରଶାସକଙ୍କଠାରେ ନ୍ୟସ୍ତ ରହିବ । |
| ୨୭ | ଧାରା ୪୪ (୧) | • ପୁନର୍ବାସ ଏବଂ ଥଇଥାନ କମିଶନ ନିଯୁକ୍ତି |
| ୨୮ | ଧାରା ୪୪ (୨) | • ପୁନର୍ବାସ ଏବଂ ଥଇଥାନ ଯୋଜନାର ପ୍ରସ୍ତୁତି, କାର୍ଯ୍ୟକାରୀ ଏବଂ ତଦାରଖ ଇତ୍ୟାଦି କରିବାର ଦାୟିତ୍ୱରେ କମିଶନର ରହିବେ । |
| ୨୯ | ଧାରା ୪୪ (୩) | • ଗ୍ରାମପଚାଂୟତ ସହିତ ଯୋଗସୂତ୍ର ରକ୍ଷାକରି କାର୍ଯ୍ୟ ସଂପାଦନ ପରେ ସାମାଜିକ ସମୀକ୍ଷାର ଦାୟିତ୍ୱ ମଧ୍ୟ କମିଶନରଙ୍କର । |
| ୩୦ | ଧାରା ୪୫ (୧) | ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ପୁନର୍ବାସ ଏବଂ ଥଇଥାନ କମିଟି ଗଠନ ହେବ (ଯେଉଁ ପ୍ରକଳ୍ପ ପାଇଁ ଅଧିକୃତ ହେବାକୁ ଥିବା ଜମିର ପରିମାଣ ୧୦୦ ଏକର ବା ତାଠାରୁ ଅଧିକ ହୋଇଥିବ ) |

**ସାରଣୀ ୨.୨ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ଅଧିନରେ ଥିବା ସୁବିଧା ସୁଯୋଗ:**

| କ୍ର.ନଂ | କ୍ଷତିର ପ୍ରକାର | କ୍ଷତିପୂରଣ | ଆଇନର ବ୍ୟବସ୍ଥା |
|---|---|---|---|
| ୧ | ବହୁ ଫସଲି ଜମି | ଜମି ମାଲିକ | • ସ୍ୱତନ୍ତ୍ର କ୍ଷେତ୍ରକୁ ବାଦ ଦେଇ ବହୁ ଫସଲି ଜମିକୁ ଅଧିଗ୍ରହଣ କରାଯାଇ ନ ପାରେ ।<br>• ଏ ପ୍ରକାର ଜମି ଅଧିଗ୍ରହଣ କ୍ଷେତ୍ରରେ ସମ ପରିମାଣରେ ଅନୁନ୍ନତ ଜମିକୁ ଉନ୍ନତ କରି ପ୍ରଥମେ ଜମି ମାଲିକକୁ ଦେବାକୁ ହେବ, ନଚେତ ସରକାରୀ ଖାତାରେ ସମପରିମାଣର ଅର୍ଥ ପୈଠ କରିବାକୁ ପଡିବ ପ୍ରଭାବିତ ପରିବାର ଖାଦ୍ୟ ସୁରକ୍ଷାକୁ ବଢାଇବା ପାଇଁ ।<br>• କିନ୍ତୁ ରେଳ, ବିଦ୍ୟୁତ, ଲାଇନ ଏବଂ ପାଣି କେନାଲ କ୍ଷେତ୍ରରେ ଏ ସର୍ତ୍ତ ଲାଗୁ ହେବ ନାହିଁ । |
| ୨ | ଚାଷ ଜମି | ଜମି ମାଲିକ | • ଜମି କିଣା ବିକା ପାଇଁ ସର୍ବ ଭାରତୀୟ ଷ୍ଟାମ୍ପ ଆଇନ - ୧୮୯୯ ଆଧାରରେ ଜମିର ବଜାର ଦର ସ୍ଥିର ହୋଇଥାଏ ।<br>• ଆଉ ମଧ୍ୟ ପ୍ରକଳ୍ପ ଆଖପାଖରେ ୩ବର୍ଷ ଭିତରେ ବିକ୍ରି |

| | | | |
|---|---|---|---|
| | | | ହୋଇଥିବା ସମାନ ଧରଣର ଜମି ଦରକୁ ବିଚାରକୁ ନେଇ ବଜାର ଦର ସ୍ଥିର କରାଯାଏ ।<br>• ଯଦି କେଉଁଠାରେ ପ୍ରଭାବିତ ପରିବାରଙ୍କୁ ନିଯୁକ୍ତି ଦିଆଯାଉଥାଏ, ତେବେ ସରକାରଙ୍କ ଦ୍ୱାରା ସ୍ଥିର ହୋଇଥିବା ସର୍ବନିମ୍ନ ଦରରୁ କମ ଦିଆଯାଇ ପାରିବ ନାହିଁ । କିମ୍ବା<br>• ପରିବାର ପିଛା ୫୦,୦୦୦ ଟଙ୍କା ଏକକାଳୀନ ବନ୍ଦୋବସ୍ତ କିମ୍ବା<br>• ପରିବାର ପିଛା ମାସିକ ୨.୦୦୦ ଟଙ୍କା ହିସାବରେ ୨୦ ବର୍ଷ ପର୍ଯ୍ୟନ୍ତ । |
| ୩ | ବାସଗୃହ (ଜମିମାଲିକ) | ଗୃହ ମାଲିକ | • ଯଦି ଗ୍ରାମାଚଂଳରେ ଗୃହ ଅଧିଗ୍ରହଣ ହୁଏ, ତେବେ ଇନ୍ଦିରା ଆବାସ ଆକାରରେ ଏକ ଗୃହ ତିଆରି କରି ଦିଆଯିବ ।<br>• ପ୍ରତ୍ୟେକ ଜମି ହରାଉଥିବା ବିସ୍ଥାପିତ ପରିବାର ମାସିକ ୩୦୦୦ ଟଙ୍କା ପର୍ଯ୍ୟନ୍ତ ଭତା ପାଇବେ ।<br>• ପ୍ରତ୍ୟେକ ବିସ୍ଥାପିତ ପରିବାରକୁ ଏକକାଳୀନ ୫୦,୦୦୦ ଟଙ୍କା ପରିବହନ ବା ଯାତାୟତ ଖର୍ଚ୍ଚ ଦିଆଯାଇଥାଏ ।<br>• ପ୍ରତ୍ୟେକ ପ୍ରଭାବିତ ପରିବାରକୁ ଏକକାଳୀନ ୫୦,୦୦୦ ଟଙ୍କା ଥଇଥାନ ବାବଦକୁ ମିଳିବ ।<br>• ବିସ୍ଥାପିତ ପରିବାରକୁ ଜମି ଏବଂ ଘର କିଣା କ୍ଷେତ୍ରରେ ଯେଉଁ ଟିକସ ଖର୍ଚ୍ଚ ଲାଗିବ ତାହା ପ୍ରକଳ୍ପ ତରଫରୁ ଭରଣା କରାଯିବ । |
| ୪. | ବାସଗୃହ (ଦଖଲକାରୀ) | ଦଖଲକାରୀ | • ପ୍ରଭାବିତ ଅଂଚଳର ଭୂମିହୀନ ପରିବାରକୁ ମଧ୍ୟ ବାସଗୃହ ଖଣ୍ଡେ ସୁବିଧା ମିଳିବ,ଯିଏକି ଅଧିସୂଚନା ଜାରି ହେବାର ଅତିକମରେ ୩ ବର୍ଷ ପୂର୍ବରୁ ସ୍ଥାୟୀ ଭାବରେ ବସବାସ କରି ଆସୁଥିବେ । |
| ୫. | ଗୁହାଳ ଏବଂ ଅନ୍ୟାନ୍ୟ କୃଷି ସଂପଦ | ନିର୍ମାଣ କରିଥିବା ମାଲିକ | • ଯେଉଁ ପ୍ରଭାବିତ ପରିବାରମାନେ ଗୁହାଳ ଘର ହରାଉଛନ୍ତି ଏକ କାଳୀନ ସର୍ବନିମ୍ନ ୨୫,୦୦୦ ଟଙ୍କା ପାଇବେ ।<br>• ଫସଲ ଥିବା ବିଲ ଏବଂ କୃଷି ସଂପତିର ମୂଲ୍ୟ କ୍ଷମତା ପ୍ରାପ୍ତ ସରକାରୀ ଅଧିକାରୀଙ୍କ ଦ୍ୱାରା ମୂଲ୍ୟାଙ୍କନ କରାଯାଇ କ୍ଷତିପୂରଣ ସହିତ ପ୍ରଦାନ କରାଯିବ । |
| ୬. | ବିସ୍ଥାପିତ ପରିବାରଙ୍କ ଥଇଥାନ | | • ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ର ୩ୟ ଅନୁଚ୍ଛେଦ ଆଧାରରେ ସମସ୍ତ ବିସ୍ଥାପିତ ପରିବାରଙ୍କୁ ବାସଗୃହ ସହିତ ସର୍ବନିମ୍ନ ଭିତିଭୂମି ସୁବିଧା ମଧ୍ୟ ପ୍ରକଳ୍ପ କର୍ତ୍ତୃପକ୍ଷ ଯୋଗାଇବା ଦରକାର । ଫଳରେ ଜଣେ ସାଧାରଣ ଓ ସୁସ୍ଥ ନାଗରିକ ଭାବରେ ଜୀବନ ବିତାଇ ପାରିବ । |

ଆଇନ ୨୦୧୩ ର ଉପଧାରା (୧) ଧାରା ୧୦୯ ଅନୁସାରେ ଦିଆଯାଇଥିବା କ୍ଷମତା ଆଧାରରେ ଓଡିଶା ସରକାର ''ଓଡିଶା ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଧାରା ୨୦୧୬'' ପ୍ରଣୟନ କରିଛନ୍ତି । ଯାହାକି ତଳ ସାରଣୀ ୨.୩ରେ ବର୍ଣ୍ଣନା କରାଯାଇଛି । ଏତଦ୍‌ଭିନ୍ନ ଓଡିଶା ରାଜ୍ୟ ସରକାର ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର, ଭୁବନେଶ୍ୱର (ଏକ ସ୍ୱାଧୀନ ସଂସ୍ଥା)କୁ ରାଜ୍ୟ

ସାମାଜିକ ପ୍ରଭାବ ଆକଳନ କେନ୍ଦ୍ର ନାମରେ ନାମିତ କରିଛି । ଏହି କେନ୍ଦ୍ରର ମୁଖ୍ୟ କାର୍ଯ୍ୟ ହେଲା ରାଜ୍ୟ ସରକାରଙ୍କ ତରଫରୁ ସମସ୍ତ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନକୁ ସଂପାଦନ କରିବା । ଏଥିନିମନ୍ତେ ରାଜ୍ୟ ସାମାଜିକ ପ୍ରଭାବ ଆକଳନ କେନ୍ଦ୍ର କେତେକ ଅଭିଜ୍ଞ ବ୍ୟକ୍ତି ତଥା ଅନୁଷ୍ଠାନକୁ ଚୟନ କରି ତାଙ୍କ ମାଧ୍ୟମରେ ଅଧ୍ୟୟନ କରିଥାଏ । ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ରଦ୍ୱାରାଚୟନ ହୋଇଥିବା ଅଧ୍ୟୟନ ସଂସ୍ଥାମାନଙ୍କମଧ୍ୟରୁ 'ଅଗ୍ରଣୀ', ମୟୁରଭଂଜ ଗୋଟିଏ । ଯାହାକୁ ନବନିର୍ମିତ ମହାଅଧିବକ୍ତାଙ୍କ କାର୍ଯ୍ୟାଳୟ ନିମନ୍ତେ ଯାନରହଣୀ ସ୍ଥଳ ନିର୍ମାଣପ୍ରକଳ୍ପର ଅଧ୍ୟୟନ ଦାୟିତ୍ୱ ନ୍ୟସ୍ତ କରାଯାଇଛି ।

**ସାରଣୀ ୨.୩ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ପାଇଁ ନିୟମାବଳୀ:**

| କ୍ର. ନଂ | ଆଇନର ଧାରା | ଆଇନ/ଧାରାର ବ୍ୟାଖ୍ୟା |
|---|---|---|
| ୧ | ୬ | ରାଜ୍ୟ ସାମାଜିକ ପ୍ରଭାବ ଆକଳନ କେନ୍ଦ୍ର ପ୍ରତିଷ୍ଠା |
| ୨ | ୮ | ସାମାଜିକ ପ୍ରଭାବ ଅଧ୍ୟୟନ ଆଗେଇ ନେବା ପାଇଁ ନିୟମପରିବର୍ତ୍ତନ |
| ୩ | ୯ | ସଂପୃକ୍ତ ପଂଚାୟତ ସହିତ ଯୋଗାଯୋଗ କରି ଅଧ୍ୟୟନ କରିବା |
| ୪ | ୧୦ | ଅଧ୍ୟୟନ ଦଳ ଗଠନ |
| ୫ | ୧୧ | ଅଧ୍ୟୟନ ପାଇଁ ପ୍ରକ୍ରିୟା ସ୍ଥିର କରିବା |
| ୬ | ୧୨ | ସାମାଜିକ ପ୍ରଭାବ ପରିଚାଳନା ଯୋଜନା ପ୍ରସ୍ତୁତ କରିବା |
| ୭ | ୧୭ | ଅନୁସୂଚିତ ଅଂଚଳରେ ଜମି ଅଧିଗ୍ରହଣ ହେଉଥିଲେ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ସହିତ ଉନ୍ନୟନ ଯୋଜନା ସାମିଲ କରିବା |
| ୮ | ୧୪ | ଗ୍ରାମସଭା ମାଧ୍ୟମରେ ଜନଶୁଣାଣି କରିବାର ପ୍ରକ୍ରିୟାକୁ ବିବରଣୀରେ ସ୍ଥାନ ଦେବା |
| ୯ | ୧୫ | ସାମାଜିକ ପ୍ରଭାବ ଆକଳନ ଏବଂ ସାମାଜିକ ପ୍ରଭାବ ପରିଚାଳନା ଯୋଜନାର ପ୍ରକାଶନ କରିବା |

*****

## ଅଧ୍ୟାୟ-୩

# ଅଧ୍ୟୟନ ଦଳ ଗଠନ, ପଦ୍ଧତି ନିର୍ଣ୍ଣୟ ଏବଂ ବିଷୟବସ୍ତୁ

## ୩.୧ ଅଧ୍ୟୟନର ଉଦ୍ଦେଶ୍ୟ ଓ ପରିସର

### ଅଧ୍ୟୟନର ଉଦ୍ଦେଶ୍ୟ

**ଉକ୍ତ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ଉଦ୍ଦେଶ୍ୟଗୁଡିକ ହେଉଛି:**

୧. ପ୍ରଭାବିତ ଅଂଚଳରେ (ନବନିର୍ମିତ ମହାଅଧିବକ୍ତାଙ୍କ କାର୍ଯ୍ୟାଳୟ ନିମନ୍ତେ ଯାନରହଣୀ ସ୍ଥଳ ନିର୍ମାଣ) ହେଉଥିବା ଜମି ଅଧିଗ୍ରହଣ ସର୍ବସାଧାରଣ ଉଦ୍ଦେଶ୍ୟରେ ହେଉଛି କି ନାହିଁ ତାହା ଅନୁଧ୍ୟାନ କରିବା ।

୨. ପ୍ରଭାବିତ ପରିବାରଗୁଡ଼ିକର ସଂଖ୍ୟା ଗଣନା କରିବା, ଜମି ଅଧିଗ୍ରହଣ ଯୋଗୁଁ କେତୋଟି ପରିବାର ବିସ୍ଥାପିତ ହେଉଛି, କେତୋଟି ନିଜର ବୃତ୍ତି ହରାଉଛନ୍ତି, ପରିବାରଗୁଡ଼ିକର ପ୍ରକୃତପକ୍ଷେ କେତେ ଜମି ଅଛି, ସେହି ଆଧାରରେ ଜମିର କ୍ଷତି କେତେ ହେଉଛି, ତାହା ଆକଳନ କରିବା ।

୩. ପ୍ରସ୍ତାବିତ ଜମି ଅଧିଗ୍ରହଣ ଯୋଗୁଁ କେତେ ପରିମାଣର ଉଭୟ ସର୍ବସାଧାରଣ ଏବଂ ବ୍ୟକ୍ତିଗତ ଜମି, ବାସଗୃହ ଓ ଅନ୍ୟାନ୍ୟ ସର୍ବସାଧାରଣ ସଂପତ୍ତି ପ୍ରଭାବିତ ହେଉଛି, ତା'ର ଆକଳନ କରିବା ।

୪. ଯେତିକି ପରିମାଣର ଜମି ଅଧିଗ୍ରହଣ ପାଇଁ ପ୍ରସ୍ତାବ ଦିଆଯାଇଛି ପ୍ରକଳ୍ପ ପାଇଁ ଅତିକମ୍‌ରେ ସେତିକି ଆବଶ୍ୟକ କି ନାହିଁ, ତାହା ପରୀକ୍ଷା କରିବା ।

୫. ଏକଥା ମଧ୍ୟ ଦେଖିବାକୁ ପଡିବ ଯେ, ନିର୍ଦ୍ଧାରିତ ସ୍ଥାନଟି ପ୍ରକଳ୍ପ ପାଇଁ ଉପଯୁକ୍ତ କି ନୁହଁ ଯଦିଓ ଅଳ୍ପ କେତେ ଜଣ ବିସ୍ଥାପିତ ହେବାର ଅଛି, ତେବେ ସେ କ୍ଷେତ୍ରରେ ପ୍ରସ୍ତାବିତ ପ୍ରକଳ୍ପ ପାଇଁ କୌଣସି ବିକଳ୍ପ ସ୍ଥାନ ଚିହ୍ନଟ କରାଯାଇଛି କି ନାହିଁ ।

୬. ପ୍ରକଳ୍ପ ଦ୍ୱାରା ସିଧାସଳଖ ଭାବରେ ଜମି ହରାଉଥିବା ପରିବାରଗୁଡ଼ିକ ଉପରେ କ'ଣ ପ୍ରଭାବ ପଡୁଛି, ତଥା ସାଧାରଣ ସଂପତ୍ତି ହରାଇଥିବା ଯୋଗୁଁ ପରିବାରଗୁଡ଼ିକ ଉପରେ କ'ଣ ପରୋକ୍ଷ ପ୍ରଭାବ ପଡୁଛି, ତାହା ଆକଳନ କରିବା । ସାମାଜିକ-ଆର୍ଥିକ ସଂରଚନା ଉପରେ କ'ଣ ପ୍ରଭାବ ପଡୁଛି ଏବଂ ଏହିସବୁ ବ୍ୟୟର ପ୍ରଭାବ ମୋଟ ପ୍ରକଳ୍ପର ବ୍ୟୟ ଓ ପ୍ରକଳ୍ପରୁ ମିଳିବାକୁ ଥିବା ସୁବିଧାଗୁଡ଼ିକର ତୁଳନାତ୍ମକ ସମୀକ୍ଷା କରିବା ।

୭. ସାମାଜିକ ପ୍ରଭାବ ପରିଚାଳନା ଯୋଜନା ମାଧ୍ୟମରେ କେଉଁ ସବୁ ସରକାରୀ ନୀତି/ଯୋଜନା ଅଧିନରେ ପ୍ରତିକାର ବ୍ୟବସ୍ଥା ନିଆଯାଇପାରିବ, ତାହା ପ୍ରସ୍ତାବ ଦେବା ।

### ଅଧ୍ୟୟନ ପାଇଁ ସୁଯୋଗ

(କ) ଅଧ୍ୟୟନ ଦଳରେ ଅତି କମରେ ଜଣେ ମହିଳା ରହିବେ । ଯିଏକି ପ୍ରଭାବିତ ଗାଁକୁ ଯାଇ ପରିବାର ଲୋକଙ୍କ ସହିତ ଭେଟି ତଥ୍ୟ ସଂଗ୍ରହ, ଦଳଗତ ଆଲୋଚନାରେ ଭାଗ, ଗୃହ ସର୍ଭେ ଫର୍ମ ପୂରଣ, ଏଫ.ଡି.ଜି. ଏବଂ ପି.ଆର.ଏ. ପରିଚାଳନା ତଥା ତଥ୍ୟ ସଂଗ୍ରହ ଏବଂ ବିଶ୍ଳେଷଣ କରିବାରେ ଦକ୍ଷତା ଥିବା ଦରକାର ।

(ଖ) ଅଧ୍ୟୟନ ଅଂଚଳ ପାଇଁ ଆବଶ୍ୟକ ପଡୁଥିବା ସାହାଯ୍ୟ, ସହଯୋଗ, ଉପଦେଶ ଇତ୍ୟାଦି ସ୍ଥାନୀୟ ବିଭାଗୀୟ ଅଧିକାରୀ ଏବଂ ଲୋକପ୍ରତିନିଧିଙ୍କଠାରୁ ଆଣିବାକୁ ହେବ ।

(ଗ) ପ୍ରକଳ୍ପ ପାଇଁ ସମସ୍ତ ଜମିଜମା କାଗଜପତ୍ର, କ୍ଷେତ୍ର ପରିଦର୍ଶନ ତଥ୍ୟ ଏବଂ ପୂର୍ବରୁ କରାଯାଇଥିବା ଏହିପରି ପ୍ରକଳ୍ପର କାର୍ଯ୍ୟ ସମୀକ୍ଷାକୁ ଆଧାର କରି ଅଧ୍ୟୟନରତ ସଂସ୍ଥା ଦ୍ୱାରା ଏକ ସବିଶେଷ ତର୍ଜମା/ସମୀକ୍ଷା କରାଯିବ ।

**ସମୀକ୍ଷା ସମୟରେ ନିମ୍ନଲିଖିତ ଦିଗଗୁଡିକ ପ୍ରତି ବିଶେଷ ଧ୍ୟାନ ଦିଆଯିବ।**

- ପ୍ରକଳ୍ପ ଅନ୍ତର୍ଗତ ପ୍ରଭାବିତ ଅଂଚଳ, ଅଧିଗୃହୀତ ହେବାକୁ ଥିବା ଜମି, ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ଏବଂ ପରିବେଶ ଜନିତ ପ୍ରଭାବ ।
- ପ୍ରକଳ୍ପ ପାଇଁ ଆବଶ୍ୟକ ଥିବା ଜମିର ଅବସ୍ଥିତି ଓ ପରିମାଣ ଏବଂ ଏହା ପ୍ରକଳ୍ପର ସର୍ବନିମ୍ନ ଆବଶ୍ୟକତା କି ନାହିଁ ।
- ପ୍ରକଳ୍ପ ପାଇଁ ସମ୍ଭାବ୍ୟ ବିକଳ୍ପ ସ୍ଥାନ ଏବଂ ତାର ଉପଯୋଗିତା ।
- ଅଧିଗୃହୀତ ହେଉଥିବା ଜମି ଅନୁସୂଚିତ ଅଂଚଳରେ ଅଛି ଏବଂ ପ୍ରକଳ୍ପ ପାଇଁ ଏହା ଅନିବାର୍ଯ୍ୟ ଅଟେ । ଏତଦ୍‌ଭିନ୍ନ ଆଗରୁ ଯଦି କୌଣସି ଜମି ଉକ୍ତ ପ୍ରକଳ୍ପ ପାଇଁ କିଣା, ହସ୍ତାନ୍ତରଣ, ନିଲାମ ଏବଂ ଅଧିଗ୍ରହଣ ହୋଇ ଉପଯୁକ୍ତ ଉଦ୍ଦେଶ୍ୟରେ ବ୍ୟବହାର ହୋଇନ ଥାଏ ।
- ପ୍ରକଳ୍ପ ପାଇଁ ସଂଗୃହୀତ ହୋଇଥିବା କୌଣସି ଜମିକୁ କେହି ବ୍ୟକ୍ତିଗତ ଭାବେ ବ୍ୟବହାର କିମ୍ବା ଦଖଲରେ ରଖିଛି କି ?
- ଜମିର ପ୍ରକାର ଭେଦ, ବର୍ତ୍ତମାନ କେତେ ଭାଗରେ ବିଭକ୍ତ ହୋଇ ବ୍ୟବହାର ହେଉଛି ଏବଂ ଯଦି ଏହା ଏକ କୃଷି କ୍ଷେତ୍ର କେତେ ପରିମାଣରେ ଜଳସେଚିତ ଏବଂ ଚାଷର ଶୈଳୀ/ନମୁନା ।
- ପ୍ରଭାବିତ ପରିବାରଙ୍କ ଖାଦ୍ୟ ସୁରକ୍ଷା ଉପରେ ପ୍ରକଳ୍ପ ଜମି ଅଧିଗ୍ରହଣର ପ୍ରଭାବ ।
- ପରିବାରର ସଭ୍ୟ ସଂଖ୍ୟା, ମାଲିକାନାର ପ୍ରକାର, ଜମି ଆବଂଟନ, ଗୃହ ସଂଖ୍ୟା ଗଣନା ଏବଂ ବ୍ୟକ୍ତିଗତ ଓ ସର୍ବସାଧାରଣ ଭିତିଭୂମି ଓ ସଂପତ୍ତି ।
- ଗତ ତିନି ବର୍ଷ ମଧ୍ୟରେ ଜମିର ଦର ମାଲିକାନା ସତ୍ୱ ବଦଳ, ଜମି ବଦଳ ଏବଂ ବ୍ୟବହାର ଇତ୍ୟାଦି ।

(ଘ) ଜମି ଆକଳନ, କାଗଜ ପତ୍ର ଏବଂ କ୍ଷେତ୍ର ପରିଦର୍ଶନ ଏବଂ ଜନଗଣନା ପଦ୍ଧତି ଅବଲମ୍ବନ କରି ସମସ୍ତ ପ୍ରଭାବିତ ଏବଂ ବିସ୍ଥାପିତ ପରିବାରଙ୍କର ସଠିକ ଗଣନା ।

(ଙ) ପ୍ରଭାବିତ ଅଂଚଳର ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ସ୍ଥିତି ।

(ଚ) ଗାଁରୁ ସଂଗୃହୀତ ହୋଇଥିବା ତଥ୍ୟ, ଲୋକ ପ୍ରତିନିଧି ତଥା ଗ୍ରାମବାସୀଙ୍କ ସହିତ ହୋଇଥିବା ଆଲୋଚନାରୁ ମିଳିଥିବା ସୂଚନା ଆଧାରରେ ଅଧ୍ୟୟନ ଦଳ ଲାଭକ୍ଷତିର ଆକଳନ ପଦ୍ଧତିରେ ପ୍ରସ୍ତାବିତ ପ୍ରକଳ୍ପର ସକରାତ୍ମକ ଓ ନକରାତ୍ମକ ସାମାଜିକ ପ୍ରଭାବ ଆକଳନ ଚିହ୍ନଟ ଏବଂ ସମୀକ୍ଷା କରିବ ।

(ଛ) ସାମାଜିକ ପ୍ରଭାବ ଆକଳନ ସମୟରେ ବାହାରିଥିବା ନକରାତ୍ମକ ପ୍ରଭାବ ଗୁଡିକର ଉପଯୁକ୍ତ ସମାଧାନ ମୂଳକ ପଦକ୍ଷେପ ନେଇ ସମସ୍ତ ପ୍ରଭାବିତ ପରିବାର ତଥା ସମୂହ ପାଇଁ ଏକ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ପ୍ରସ୍ତୁତ ହେବ ।

(ଜ) ପ୍ରକଳ୍ପ ଦ୍ୱାରା ଜମି ହରାଉଥିବା ଏବଂ ବିସ୍ଥାପିତ ହେଉଥିବା ପରିବାରଙ୍କ ଥଇଥାନ ଏବଂ ପୁନର୍ବସତି ସହିତ ଏକ ଲାଭକ୍ଷତି ବିଶ୍ଳେଷଣାତ୍ମକ ସବିଶେଷ ବିବରଣୀ ସାମାଜିକ ସମୀକ୍ଷା ଆକଳନ ସମୟରେ ପ୍ରସ୍ତୁତ ହେବ ।

(ଝ) ସାମାଜିକ ପରିଚାଳନା ଯୋଜନାରେ ଅନୁସୂଚିତ ଅଂଚଳ ପାଇଁ ଏକ ସ୍ୱତନ୍ତ୍ର ବିକାଶ ଯୋଜନା ଉପଧାରା-୪୧ ମୁତାବକ ପ୍ରସ୍ତୁତ ହେବ ।

(ଞ) ଚୂଡାନ୍ତ ବିବରଣୀ ପ୍ରସ୍ତୁତ ହେବା ପୂର୍ବରୁ ବିବରଣୀଟିକୁ ଓଡିଆରେ ଛାପି ପ୍ରଭାବିତ ଅଂଚଳର ସମସ୍ତ ପଚାଂୟତ, ପୌରାଂଚଳ ତଥା ପ୍ରଭାବିତ ଅଂଚଳ ସହ ଜଡିତ ଥିବା ବିଭାଗୀୟ ସରକାରୀ ଅଧିକାରୀ ଯେପରିକି – ଜିଲ୍ଲାପାଳ, ଉପ-ଜିଲ୍ଲାପାଳ, ଜମି ଅଧିଗ୍ରହଣ ଅଧିକାରୀ, ତହସିଲଦାର, ନବକୃଷ୍ଣ ଚୌଧୁରୀ ଉନ୍ନୟନ କେନ୍ଦ୍ର ଏବଂ ପ୍ରକଳ୍ପ କାର୍ଯ୍ୟ କରିବାକୁ ସ୍ଥିରୀକୃତ ହୋଇଥିବା ସଂସ୍ଥାକୁ ଅନ୍ତତଃ ପକ୍ଷେ ଜନଶୁଣାଣି ହେବାର ଦୁଇ ସପ୍ତାହ ପୂର୍ବରୁ ପ୍ରଦାନ କରାଯିବ ।

(ଟ) ସ୍ଥାନୀୟ ପ୍ରଶାସନ ଏବଂ ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା ସହିତ ମିଶି ଗୋଟିଏ ଜନଶୁଣାଣି ଶିବିର ଆୟୋଜନ କରି ଅଧ୍ୟୟନର ସାରାଂଶକୁ ଉପସ୍ଥିତ ପ୍ରଭାବିତ ଅଚଂଳର ଲୋକଙ୍କ ସମ୍ମୁଖରେ ଓଡିଆ ଭାଷାରେ ଉପସ୍ଥାପନା କରିବା ସହିତ ଲୋକଙ୍କ ମତାମତକୁ ଏବଂ ଅତିରିକ୍ତ ତଥ୍ୟକୁ ସଂଗ୍ରହ କରି ଚୂଡାନ୍ତ ବିବରଣୀରେ ସ୍ଥାନିତ କରାଯିବ ।

(ଠ) ଜନଶୁଣାଣିର ଭିଡିଓ ରେକର୍ଡ଼ିଂ ସହିତ ଲିଖିତ ବିବରଣୀ ପ୍ରସ୍ତୁତ କରି ଆକଳନ ଏବଂ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ସହିତ ସଂଯୋଗ କରି ପ୍ରଦାନ କରାଯିବ ।

(ଡ) ଚୂଡାନ୍ତ ବିବରଣୀଟିକୁ ଉଭୟ ଓଡିଆ ଓ ଇଂରାଜୀ ଭାଷାରେ ଛପା ହେଲା ପରେ (ଇଂରାଜୀ ୪ ଏବଂ ଓଡିଆ-୧୦) ମୋଟ ୧୪ଟି ବିରରଣୀ ନକଲ କରି ଦାଖଲ କରାଯିବ ।

## ଅଧ୍ୟୟନର ପରିସର

ବର୍ତ୍ତମାନ ଅଧ୍ୟୟନଟି କଟକ ଜିଲ୍ଲା କଟକ ସଦର ତହସିଲ ଅର୍ନ୍ତଗତ ୟୁନିଟ-୧୪, ନୟାସଡକକୁ ନେଇ ହୋଇଅଛି । ଯାହାର କି ପରିବାର ସଂଖ୍ୟା ୨୧୪୫ ଏବଂ ଜନସଂଖ୍ୟା ୯୮୨୦ ।

**ସାରଣି ୩.୧ ଅଧ୍ୟୟନ ହେବାକୁ ଥିବା ଗ୍ରାମର ବିବରଣୀ**

| ଗ୍ରାମରନାମ | ଘର ସଂଖ୍ୟା | ମୋଟ ଜନସଂଖ୍ୟା | | | ଏ.ସି ଜନସଂଖ୍ୟା | | | ଏସ.ଟି ଜନସଂଖ୍ୟା | | |
|---|---|---|---|---|---|---|---|---|---|---|
| ୟୁନିଟ-୧୪ ନୟାସଡକ (ଓାର୍ଡ ନଂ-୧୩) | ୨୧୪୫ | ପୁରୁଷ | ମହିଳା | ମୋଟ | ପୁରୁଷ | ମହିଳା | ମୋଟ | ପୁରୁଷ | ମହିଳା | ମୋଟ |
| | | ୪୮୩୦ | ୪୯୯୦ | ୯୮୨୦ | ୬୨୨ | ୬୪୨ | ୧୨୬୪ | ୮୯ | ୮୦ | ୧୬୯ |

ଅଧ୍ୟୟନର ଏକ ଅଂଶ ସ୍ୱରୁପ ସମସ୍ତ ପ୍ରଭାବିତ ପରିବାର ଏବଂ କିଛି ସାଧାରଣ ପରିବାରଙ୍କର ସର୍ବେକ୍ଷଣ ଏକ ନିର୍ଦ୍ଦିଷ୍ଟ ପ୍ରଶ୍ନ ଗୁଚ୍ଛ ଦ୍ୱାରା ସଂପୂର୍ଣ୍ଣ କରାଯାଇଥିଲା । ଉକ୍ତ ଅଧ୍ୟୟନରେୟୁନିଟ-୧୪, ନୟାସଡକ ଗ୍ରାମବାସୀମାନେ ପ୍ରଭାବିତ ପରିବାରଙ୍କର ମୋଟ ୦.୧୧୯ଏକର ଜମି ଅଧିଗ୍ରହଣ ହେବ ।


## ୩.୨ ଅଧ୍ୟୟନ ଦଳ ଗଠନ

ବର୍ତ୍ତମାନର ଅଧ୍ୟୟନ ଦଳଟି ୩ ଜଣ ଅଭିଜ୍ଞ ଲୋକଙ୍କୁ ନେଇ ଗଠିତ । ଯେଉଁଥିରେ କି ଜଣେ ମହିଳା ଅଛନ୍ତି । ଦଳ ସଦସ୍ୟମାନଙ୍କ ବିଷୟରେ ସବିଶେଷ ବିବରଣୀ ନିମ୍ନ ସାରଣୀ ୩.୨ରେ ପ୍ରଦାନ କରାଯାଇଛି ।

**ସାରଣୀ ୩.୨ ଅଧ୍ୟୟନରେ ସଂଶ୍ଳିଷ୍ଟ ଥିବା ସଭ୍ୟ/ସଭ୍ୟାଙ୍କ ତାଲିକା:**

| କ୍ର. ସଂ | ନାମ | ଶିକ୍ଷ୍ୟାଗତ ଯୋଗ୍ୟତା | ଅଭିଜ୍ଞତା | ଅଧ୍ୟୟନରେ ଦାୟିତ୍ୱ |
|---|---|---|---|---|
| ୧ | ମନମୋହନ ପ୍ରଧାନ | ସମାଜ ସେବାରେ ସ୍ନାତକତୋର | ୨୬ ବର୍ଷ | ଦଳ ମୁଖ୍ୟ |
| ୨ | ଶ୍ରୀଲେଖା ଦାସ | ସ୍ନାତକତୋର | ୧୬ ବର୍ଷ | ତଥ୍ୟ ଅଧ୍ୟୟନ ଓ ପରିଚାଳନା |
| ୩ | ହେମନ୍ତ କୁମାର ସାହୁ | ସ୍ନାତକ | ୧୦ ବର୍ଷ | କମ୍ପ୍ୟୁଟର ପରିଚାଳନାକାରୀ |

**ନିମ୍ନରେ ଦଳ ଗଠନର ଏକ ନକ୍ସା ଅଙ୍କନ କରି ପ୍ରଦର୍ଶନ କରିବାକୁ ଚେଷ୍ଟା କରାଯାଇଛି ।**



## ୩.୩ ଅଧ୍ୟୟନର ଧାରା

ଯେହେତୁ, ଅଧ୍ୟୟନର ମୂଳ ଉଦ୍ଦେଶ୍ୟ ଥିଲା ଜମି ହରାଉଥିବା ଏବଂ ବିସ୍ଥାପିତ ହେଉଥିବା ପରିବାର ଗୁଡିକର ସାମାଜିକ ଓ ଅର୍ଥନୈତିକ ଅବସ୍ଥାକୁ ସଠିକ ଭାବରେ ବୁଝିବା, କ୍ଷତିଗ୍ରସ୍ତ ହେବାକୁଥିବା ସର୍ବସାଧାରଣ ସଂପତିର ଏକ ତାଲିକା ପ୍ରସ୍ତୁତ କରିବା ସହିତ ସାମାଜିକ ସଂପତିର ଚିହ୍ନଟ ଏବଂ ଆକଳନ କରିବା ଜରୁରୀ ଅଟେ । ଗୋଟିଏ ଉତ୍ତମ ସାମାଜିକ ପରିଚାଳନା ଯୋଜନା ପ୍ରସ୍ତୁତି ପାଇଁ ଉଭୟ ଗୁଣାତ୍ମକ ଏବଂ ସଂଖ୍ୟାତ୍ମକ ଦିଗକୁ ଉକ୍ତ ଅଧ୍ୟୟନରେ ଗୁରୁତ୍ୱ ଦିଆଯାଇଛି । ତଥ୍ୟ ସଂଗ୍ରହ ସମୟରେ ବିଭିନ୍ନ ପଦ୍ଧତିକୁ ଅବଲମ୍ବନ କରାଯାଇଛି, ଯେପରିକି ଫର୍ମ ପୂରଣ, ଦଳଗତ ଆଲୋଚନା , ସାକ୍ଷାତକାର ଏବଂ ସାମାଜିକ ମାନଚିତ୍ର ଅଙ୍କନ ଓ ବାହ୍ୟଭ୍ରମଣ ଇତ୍ୟାଦି ।

ପ୍ରସ୍ତାବିତ ପ୍ରକଳ୍ପର ସୁବିଧା ଅସୁବିଧା ଏବଂ ସୁଯୋଗକୁ ବୁଝିବା ପାଇଁ ସମସ୍ତ ପ୍ରକଳ୍ପ ପ୍ରଭାବିତ ପରିବାରଙ୍କୁ ନେଇ ଏକ ପ୍ରାରମ୍ଭିକ ବୈଠକର ଆୟୋଜନ ହୋଇଥିଲା । ପ୍ରଭାବିତ ପରିବାର ମାନଙ୍କର ସାମାଜିକ - ଅର୍ଥନୈତିକ ଅବସ୍ଥାକୁ ଜାଣିବା ପାଇଁ ବାସଚ୍ୟୁତ, ପୁନର୍ବାସ ଏବଂ ଥଇଥାନ ନୀତି ଆଧାରରେ ଏକ ପ୍ରଶ୍ନାବଳୀ ସମ୍ୱଳିତ ସର୍ବେକ୍ଷଣ ଫର୍ମ ପ୍ରସ୍ତୁତ କରାଯାଇଥିଲା, **ଅଗ୍ରଣୀ** ଅନୁଷ୍ଠାନ ଦ୍ୱାରା ଉକ୍ତ ଅଧ୍ୟୟନ ହେବ ବୋଲି ଜିଲ୍ଲା ପ୍ରଶାସନ ତରଫରୁ ମଧ୍ୟ ଏକ ବିଜ୍ଞାପନ ନଂ. RDM-LAA-CTC-୦୦୦୧-୨୦୨୬-୫୨୧୮/R&DM,ତା ୦୪.୦୨.୨୦୨୬ ରେ ଜାରି କରାଯାଇଥିଲା । ଏହା ପରେ ତଥ୍ୟ ସଂଗ୍ରହ କରାଯାଇ ବିଶ୍ଳେଷଣ ଏବଂ ପ୍ରାରମ୍ଭିକ ବିବରଣୀ ପ୍ରସ୍ତୁତ ହୋଇ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯିବା ପରେ ଜନ ଶୁଣାଣି ହେବ । ଜନଶୁଣାଣିରୁ ସଂଗୃହିତ ତଥ୍ୟ ଏବଂ ମତାମତକୁ ସଂଗ୍ରହକରି ବିବରଣୀରେ ସ୍ଥାନିତ କରି ଚୁଡାନ୍ତ ବିବରଣୀ ପ୍ରକାଶ ପାଇବ ।

## ୩.୪ ସଂଗୃହୀତ ତଥ୍ୟର ଶ୍ରୋତ/ଧାରା

ଉଭୟ ଗ୍ରାମ/ୱାର୍ଡ ସ୍ତରୀୟ ଏବଂ ସରକାରୀ ସ୍ତରୀୟ ତଥ୍ୟ ଉକ୍ତ ବିବରଣୀରେ ସ୍ଥାନ ପାଇବ । ଗୃହ ସର୍ବେକ୍ଷଣରୁ ମିଳିଥିବା ତଥ୍ୟ ବିଶେଷ କରି ପ୍ରଭାବିତ ପରିବାରଙ୍କ ସାମାଜିକ-ଅର୍ଥନୈତିକ ସ୍ଥିତି ବିବରଣୀ ତିଆରି କରିବାରେ ବ୍ୟବହୃତ ହୋଇଛି । ଅନ୍ୟାନ୍ୟ ଦ୍ୱିତୀୟ ଶ୍ରୋତରୁ ସଂଗୃହୀତ ତଥ୍ୟ ଯଥା ବିଭାଗୀୟ ସରକାରୀ କାର୍ଯ୍ୟାଳୟ, ରାଜସ୍ୱ ବିଭାଗ ଏବଂ ପୂର୍ବରୁ ଅନ୍ୟ ସଂସ୍ଥାମାନଙ୍କ ଦ୍ୱାରା ହୋଇଥିବା ସମଧରଣର ଅଧ୍ୟୟନ ବିବରଣୀ ଇତ୍ୟାଦିକୁ ମଧ୍ୟ ବିବରଣୀ ପ୍ରସ୍ତୁତ ସମୟରେ ଆବଶ୍ୟକତା ଅନୁସାରେ ବ୍ୟବହୃତ କରାଯାଇଛି ।

## ୩.୫ ପଦ୍ଧତିର ପ୍ରୟୋଗ

ଅଧ୍ୟୟନର ଉଦ୍ଦେଶ୍ୟ ଏବଂ ପରିସର ତଥା ପ୍ରଚଳିତ ନିୟମକୁ ଦୃଷ୍ଟିରେ ରଖି ପଦ୍ଧତି ଚୟନ କରାଯାଇଛି । **ଅନୁସରଣ କରାଯାଇଥିବା ପଦ୍ଧତି ଗୁଡିକ ହେଲା:**

- ପ୍ରକଳ୍ପ ପ୍ରଭାବିତ ଅଂଚଳ ଚିହ୍ନଟ (ୟୁନିଟ-୧୪, ନୟାସଡକ)
- ଅଧ୍ୟୟନ ପାଇଁ ଆବଶ୍ୟକ ତଥ୍ୟ ଏବଂ ସ୍ରୋତ
- ସମସ୍ତ ପ୍ରକଳ୍ପ ପ୍ରଭାବିତଙ୍କର ଚିହ୍ନଟ ଏବଂ ସଂପୃକ୍ତିକରଣ
- ଗାଁରେ ଅଧ୍ୟୟନ କାର୍ଯ୍ୟ ପାଇଁ ସୁଯୋଗ ସୃଷ୍ଟି କରିବା ।
- ଜନଗଣନା ପଦ୍ଧତିରେ ପ୍ରାରମ୍ଭିକ ସର୍ବେକ୍ଷଣ କରିବା ।

- ପ୍ରକଳ୍ପର ସାମାଜିକ ସମୀକ୍ଷା ଆକଳନ ଏବଂ କ୍ଷତିପୂରଣ ସହାୟତା ତଥା ଆୟଭିତ୍ତିକ କାର୍ଯ୍ୟକ୍ରମ ଉପରେ ଲୋକଙ୍କ ସହିତ ଅନୌପଚାରୀକ ଆଲୋଚନା କରିବା ।
- ପ୍ରଭାବିତ ବ୍ୟକ୍ତି/ପରିବାର ତଥା ସଂପ୍ରଦାୟକୁ ପ୍ରକଳ୍ପ ତରଫରୁ ମିଳିବାକୁ ଥିବା ହକ୍ /ସୁବିଧା ସୁଯୋଗକୁ ଚିହ୍ନଟ କରି ଏକ ଲୋକାଭିମୁଖି ସାମାଜିକ ପରିଚାଳନା ଯୋଜନା ପ୍ରସ୍ତୁତ କରିବା ।
- ଜନଶୁଣାଣିର ଆୟୋଜନ କରି ଲୋକଙ୍କ ମତାମତ/ପରାମର୍ଶକୁ ସଂଗ୍ରହ କରି ଚୂଡାନ୍ତ ବିବରଣୀରେ ସ୍ଥାନ ଦେବା ।
- ଚୂଡାନ୍ତ ବିବରଣୀ ପ୍ରକାଶ କରିବା ।

## ୩.୬ ତଥ୍ୟ ସଂଗ୍ରହ ପ୍ରକ୍ରିୟା

- ଅଧ୍ୟୟନ ଦଳ ସଭ୍ୟ/ସଭ୍ୟାଙ୍କ ଚୟନ ଏବଂ ତାଲିମ
- ଦ୍ୱିତୀୟ ଶ୍ରୋତରୁ ମିଳିଥିବା ଦଲିଲଗୁଡିକର ଅଧ୍ୟୟନ ଏବଂ ସମୀକ୍ଷା
- ପ୍ରଭାବିତ ପରିବାରଙ୍କ ଚିହ୍ନଟୀକରଣ ସହିତ ନମୁନା ଅଣ-ପ୍ରଭାବିତ ପରିବାରଙ୍କ ସର୍ବେକ୍ଷଣ ଦ୍ୱାରା ତଥ୍ୟ ସଂଗ୍ରହ
- ମୁଖ୍ୟ ସୂଚନାଦାତା ଯଥା- ଗ୍ରାମ ପଂଚାୟତ ପ୍ରତିନିଧି, ବିଭାଗୀୟ ସରକାରୀ କର୍ମଚାରୀଙ୍କ ସହିତ ଆଲୋଚନା
- ଦଳଗତ ଆଲୋଚନା ମାଧ୍ୟମରେ ସମସ୍ତ ପକ୍ଷଧାରୀଙ୍କଠାରୁ ପ୍ରକଳ୍ପର ସମ୍ଭାବ୍ୟ ପ୍ରଭାବ, ସଂପତ୍ତି କ୍ଷତିର ମାତ୍ରା, ଭିତ୍ତିଭୂମି କ୍ଷୟକ୍ଷତିର ପରିମାଣ ଏବଂ କ୍ଷତିପୂରଣର ମାତ୍ରା ସଂପର୍କରେ ମତାମତ ସଂଗ୍ରହ କରିବା ।
- ତଥ୍ୟ ଅନୁଶୀଳନ ପୂର୍ବରୁ କମ୍ପ୍ୟୁଟର ତଥ୍ୟ ବିଭାଗୀକରଣ, ନୂତନ ନାମକରଣ ଓ ସରଳୀକରଣ କରିବା
- ତଥ୍ୟ ଏକତ୍ରୀକରଣ ଏବଂ ବିବରଣୀ ଲିଖନ ।

## ୩.୭ ଅଧ୍ୟୟନର କାର୍ଯ୍ୟଧାରା

**ଅଧ୍ୟୟନଟି ମୋଟ ୩ଟି ପର୍ଯ୍ୟାୟରେ ସଂପନ୍ନ କରାଯାଇଛି । ସେ ଗୁଡିକ ନିମ୍ନରେ ପ୍ରଦାନ କରାଗଲା ।**

### ପ୍ରଥମ ପର୍ଯ୍ୟାୟ: (କ୍ଷେତ୍ର ସର୍ବେକ୍ଷଣ ପୂର୍ବବର୍ତ୍ତୀ କାର୍ଯ୍ୟକ୍ରମ)

- ପ୍ରାରମ୍ଭିକ ବୈଠକ (ସମସ୍ତ ପକ୍ଷଧାରୀଙ୍କ ସହିତ)
- ପ୍ରକଳ୍ପ ନଥିପତ୍ର ଏବଂ ଆକ୍ଟ ୨୦୧୩- - ଅଧ୍ୟୟନ
- ଗୃହ ସର୍ବେକ୍ଷଣ ଫର୍ମ ପ୍ରସ୍ତୁତି ଏବଂ ମୁଦ୍ରଣ
- ଅଧ୍ୟୟନ ପାଇଁ ସଭ୍ୟ/ସଭ୍ୟାଙ୍କ ତାଲିମ
- ଅଧ୍ୟୟନ ପାଇଁ ବିଜ୍ଞାପନ

### ଦ୍ୱିତୀୟ ପର୍ଯ୍ୟାୟ: (କ୍ଷେତ୍ର ସର୍ବେକ୍ଷଣ କାର୍ଯ୍ୟକ୍ରମ)

- ଜନଗଣନା ପଦ୍ଧତିରେ ଗୃହ ସର୍ବେକ୍ଷଣ
- ପ୍ରଭାବିତ ଲୋକଙ୍କ ସହିତ ବିଚାର ବିମର୍ଷ
- ସ୍ୱତନ୍ତ୍ର ଦଳଗତ ଆଲୋଚନା

**<u>ତୃତୀୟ ପର୍ଯ୍ୟାୟ</u>: (କ୍ଷେତ୍ର ସର୍ବେକ୍ଷଣ ପରବର୍ତ୍ତୀ କାର୍ଯ୍ୟକ୍ରମ)**

- ତଥ୍ୟସାଇତା ଏବଂ ବିଶ୍ଳେଷଣ
- ପ୍ରାରମ୍ଭିକ ଅଧ୍ୟୟନ ବିବରଣୀ ପ୍ରସ୍ତୁତ
- ବିବରଣୀର ଓଡିଆ ଅନୁବାଦ
- ଜନଶୁଣାଣିର ଆୟୋଜନ
- ଜନଶୁଣାଣିରୁ ମିଳିଥିବା ମତାମତ ଏବଂ ପରାମର୍ଶକୁ ଯୋଡି ଚୂଡାନ୍ତ ବିବରଣୀ ପ୍ରକାଶନ
- ଚୂଡାନ୍ତ ବିବରଣୀ ପ୍ରଦାନ ।

## ୩.୮ ଜନ ବାର୍ତ୍ତାଳାପ

ଲୋକଙ୍କ ସହିତ ଆଲୋଚନା ଏକ ଗତାନୁଗତିକ ପ୍ରକ୍ରିୟା, ଯାହାକି ଅଧ୍ୟୟନର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଚାଲିଥାଏ । ଅଧ୍ୟୟନ ଦଳ ଏହା ଭଲ ଭାବରେ ହୃଦୟଙ୍ଗମ କରିଛି ଯେ ଅଧ୍ୟୟନ ପ୍ରକ୍ରିୟାରେ ପ୍ରଭାବିତ ଲୋକଙ୍କ ସ୍ୱେଚ୍ଛାକୃତ ଅଂଶଗ୍ରହଣ ଦ୍ୱାରା ଲୋକଙ୍କ ସୁବିଧା ଅସୁବିଧା ଏବଂ ଆବଶ୍ୟକତାକୁ ଭଲ ଭାବରେ ବୁଝି ହୁଏ । ଏହା ମଧ୍ୟ ସତ୍ୟ ଯେ ଲୋକଙ୍କ ସହିତ ବାରମ୍ବାର ଏବଂ ଖୋଲାଖୋଲି ସମ୍ବାଦ ହେବା ଦ୍ୱାରା ଅନେକ ଗୁଡିଏ ଅଧ୍ୟୟନ ସମ୍ବନ୍ଧୀୟ ତଥ୍ୟ ଲୋକମାନଙ୍କ ମଧ୍ୟରେ ଆଦାନପ୍ରଦାନ ହୋଇଥାଏ । ଅନେକ ସମୟରେ ଦଳଠାରୁ ପୂର୍ବସୂଚନା ପାଇଥିବା କାରଣରୁ ଲୋକମାନେ ଠିକ ସମୟରେ ଏବଂ ସଠିକ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିବାରେ ସାହାଯ୍ୟ କରିଥାଏ । ପ୍ରକଳ୍ପକାମ ସହିତ ଲୋକମାନେ ପ୍ରଥମରୁ ଯୋଡିରହିବା ଦ୍ୱାରା ଶେଷ ବେଳକୁ ଦେଖାଦେଉ ଥିବା ସମସ୍ୟା ଓ ଅବୁଝାମଣା ପରିସ୍ଥିତିକୁ ଏଡାଯାଇପାରିବ ।

ସ୍ଥାନୀୟ ବିକାଶଧାରା, ସମସ୍ୟା ଏବଂ ସନ୍ଦର୍ଭକୁ ବୁଝିବାକୁ ଅନେକ ସମୟରେ ପ୍ରଭାବିତ ଲୋକମାନେ ଅଧ୍ୟୟନ ଦଳ ସଦସ୍ୟଙ୍କ ସହିତ ବିଚାରବିମର୍ଷ କରିଥାନ୍ତି । ଆଉ ମଧ୍ୟ ଗାଁରେ ଲୋକଙ୍କ ସହିତ ବସିବା ଉଠିବା ଦ୍ୱାରା କେତେକାଂଶରେ ଲୋକଙ୍କର ଭ୍ରାନ୍ତ ଧାରଣା ଦୂର ହୋଇଥାଏ । ଫଳରେ ପ୍ରକଳ୍ପ ପ୍ରତି ତାଙ୍କର ସକାରାତ୍ମକ ଚିନ୍ତାଧାରା ଜାଗ୍ରତ ହୋଇଥାଏ । ଏହି ବାର୍ତ୍ତାଳାପ ପ୍ରକ୍ରିୟାର ମୂଳ ଉଦ୍ଦେଶ୍ୟ ହେଲା ପ୍ରକଳ୍ପ ପ୍ରଭାବିତ ଜନସାଧାରଣଙ୍କୁ ନବନିର୍ମିତ ମହାଅଧିବକ୍ତାଙ୍କ କାର୍ଯ୍ୟାଳୟ ନିମନ୍ତେ ଯାନବାହନ ରଖିବା ପାଇଁ ସ୍ଥାନ ନିର୍ମାଣ ପ୍ରକଳ୍ପ ଏବଂ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ଗୁରୁତ୍ୱ ଉପଲବଧି କରାଇବା ।

### ଜନବାର୍ତ୍ତାଳପର ମୁଖ୍ୟ ଉଦ୍ଦେଶ୍ୟ ଗୁଡିକ ହେଲା:

- ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା ପରିବାରମାନଙ୍କୁ ସୂଚନା ପ୍ରଦାନ କରିବା, ଯାହାଦ୍ୱାରା କି ସେ ହରାଉଥିବା ସଂପତ୍ତି ଏବଂ ଜୀବିକା ପୁନଃଲାଭ କରିବା ପାଇଁ ସକ୍ଷମ ହେବ ।
- ପ୍ରଭାବିତ / ବିସ୍ଥାପିତ ପରିବାର କ୍ଷତିପୂରଣ ଓ ଥଇଥାନ ରାଶି ପାଇଁ ସେମାନଙ୍କର ଦାବି ଉପସ୍ଥାପନ କରିବେ ।
- ବୃହତ୍ତର ସାମାଜିକ ଏବଂ ଅର୍ଥନୈତିକ ସ୍ଥିତିକୁ ଏପରି ବୁଝିପାରିବେ, ଯାହାକି ସେମାନଙ୍କୁ ପ୍ରକଳ୍ପର ପ୍ରଭାବ, ଥଇଥାନ ଏବଂ ସାମାଜିକ ପ୍ରଭାବ ପରିଚାଳନା ଯୋଜନା କାର୍ଯ୍ୟକାରୀ କରିବାରେ ସାହାଯ୍ୟ କରିବ ।
- ପ୍ରକଳ୍ପ କାର୍ଯ୍ୟକାରିତାରେ ବାଧାସୃଷ୍ଟି କଲାଭଳି ଆଂଚଳିକ ଜଟିଳ ସମସ୍ୟାକୁ ଚିହ୍ନଟ କରିବା ।
- ପ୍ରଭାବିତ ପରିବାରଙ୍କ ଜୀବନ ଜୀବିକାରେ ବ୍ୟବହାର ହେଉଥିବା କୌଣସି ସର୍ବସାଧାରଣ ସଂପତ୍ତି ଯଦି ଥାଏ ତାକୁ ଜାଣିବା ।

- ଏକ ପ୍ରଭାବ ମୁକାବିଲା ଯୋଜନା ପ୍ରସ୍ତୁତ ପାଇଁ ଅଂଚଳର ସାମାଜିକ ଏବଂ ଅର୍ଥନୈତିକ ଅବସ୍ଥାକୁ ବୁଝିବା ।
- ପ୍ରସ୍ତାବିତ ପ୍ରକଳ୍ପର ମୋଟାମୋଟି ବିକାଶ ଲକ୍ଷ୍ୟ ଏବଂ ଉପକାରିତା ବିଷୟରେ ଲୋକମାନଙ୍କୁ ସଚେତନ କରାଇବା ।

(କ) **<u>ସ୍ୱତନ୍ତ୍ର ଦଳଗତ/ବ୍ୟକ୍ତିଗତ ଆଲୋଚନା:</u>**ଅଧ୍ୟୟନଟିଯୁନିଟ-୧୪, ନୟାସଡକ ଗ୍ରାମରେ ଅନୁଷ୍ଠିତ ହୋଇଥିଲା । ଆଲୋଚନାରେ ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ପ୍ରଭାବିତ ପରିବାର ଅଂଶ ଗ୍ରହଣ କରିଥିଲେ । ଆଲୋଚନା ସମୟରେ ଏହା ସ୍ପଷ୍ଟ ହୋଇଯାଇଥିଲା ଯେ ଲୋକେ ନବନିର୍ମିତ ମହାଅଧିବକ୍ତାଙ୍କ କାର୍ଯ୍ୟାଳୟ ନିମନ୍ତେ ଯାନରହଣୀ ସ୍ଥଳ ନିର୍ମାଣ ପ୍ରକଳ୍ପ ବିଷୟଟି ତାଙ୍କ ଜ୍ଞାତସାରରେ ଥିଲା, ଆଲୋଚନାର ମୁଖ୍ୟାଂଶ ନିମ୍ନରେ ପ୍ରଦତ୍ତ କରାଗଲା ।

- ପ୍ରସ୍ତାବିତ ପ୍ରକଳ୍ପଟି ୟୁନିଟ-୧୪, ନୟାସଡକରେ ଅବସ୍ଥିତ । ଏଥିରେ ମୋଟ ୦୩ଟି ପରିବାରର ୩ଟି ପ୍ଲଟ ପ୍ରଭାବିତ ହେବ ।
- ପ୍ରକଳ୍ପ ପ୍ରଭାବିତ ଗ୍ରାମର ଲୋକଙ୍କ ସାମାଜିକ ଅର୍ଥନୈତିକ ସ୍ଥିତିକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଅଧିକାଂଶ ପରିବାରର ଚଳଣି ସ୍ୱଚ୍ଛଳ ଅଟେ ।
- କୌଣସି ସର୍ବସାଧାରଣ ସଂପତ୍ତି ଭୂମି-ଅଧିଗ୍ରହଣ କାରଣରୁ ପ୍ରଭାବିତ ହେଉନାହିଁ । ପ୍ରକଳ୍ପ ପାଇଁ ଅଧିଗ୍ରହୀତ ହେବାକୁ ଥିବା ୩ଟି ପ୍ଲଟ ଘରବାରି କିସମର ଜମି ଏବଂ ବ୍ୟକ୍ତିଗତ ମାଲିକାନାରେ ଅଛି ।
- ପ୍ରଭାବିତ ପରିବାର ଗୁଡିକ ଦାବି କରୁଥିଲେ କି ଯେ ହେତୁ କଟକ ସହରରେ ଆମର ଏକ ମାତ୍ର ଜମି ଘର ସହିତ ରହିଛି, ତେଣୁ ଆମେ ସରକାରଙ୍କୁ ଦେଇ ଦେଲେ ଆମର କିଛି ସମ୍ପତ୍ତି ରହିବ ନାହିଁ । ତେଣୁ ସରକାର ଉକ୍ତ ଅଧିଗ୍ରହଣ ନ କଲେ ଭଲ ହୁଅନ୍ତା ।

**ସାରଣୀ ୩.୩ ଗ୍ରାମବାସୀଙ୍କ ଦ୍ୱାରା ଚିହ୍ନଟ ହୋଇଥିବା କିଛି ସମସ୍ୟା ଏବଂ ସମାଧାନର ବାଟ ନିମ୍ନରେ ଉଲ୍ଲେଖ କରାଗଲା ।**

| ଗ୍ରାମର ନାମ | ଓମସ୍ୟା | ସମାଧାନ |
|---|---|---|
| କଟକ ସହର, ୟୁନିଟ-୧୪ | ବର୍ତ୍ତମାନର ଜମିର ବଜାର ମୂଲ୍ୟ ସରକାରୀ ମୂଲ୍ୟ ଠାରୁ ଯଥେଷ୍ଟ ଅଧିକ | ପ୍ରଭାବିତ ପରିବାର ମାନଙ୍କୁ ବଜାର ଦର ହିସାବରେ କ୍ଷତି ପୁରଣ ରାଶି ପ୍ରଦାନ କରାଯାଉ । |

## (ଖ) ଜନଶୁଣାଣି ବିବରଣୀ:

ଅଧ୍ୟୟନ ପ୍ରକ୍ରିୟାର ଅଂଶ ସ୍ୱରୁପ ପ୍ରାରମ୍ଭିକ ବିବରଣୀ ପ୍ରସ୍ତୁତ ହେବା ପରେ ଏକ ଜନ ଶୁଣାଣି ଅନୁଷ୍ଠିତ ହେବ ଏବଂ ସେଥିରୁ ଯାହା ସାଂରାଶ ମିଳିବ ତାକୁ ଚୂଡାନ୍ତ ବିବରଣୀରେ ସ୍ଥାନିତ କରାଯିବ ।

## ୩.୯ ଅଧ୍ୟୟନ ଦଳ ସମ୍ମୁଖୀନ ହୋଇଥିବା ଆହ୍ୱାନ ସବୁ

ପ୍ରକଳ୍ପ ଅଂଚଳରେ ରହି ଅଧ୍ୟୟନ ଦଳ କାମ କରିବା ସମୟରେ ଯେଉଁ ସବୁ ମୁଖ୍ୟ ସମସ୍ୟାଗୁଡିକର ସମ୍ମୁଖୀନ ହୋଇଥିଲେ, ସେ ଗୁଡିକ ହେଲା:

- ପ୍ରକଳ୍ପ ଅଂଚଳଟି ଏକ ଜନଗହଳି ପୂର୍ଣ୍ଣ ବଜାର ଏବଂ ଉଚ୍ଚ ନ୍ୟାୟଳୟ ସମୁଖ ହୋଇଥିବାରୁ ଏଠାରେ ଅଧିକାଂଶ ଲୋକ ଭଡାରେ ରହି ବ୍ୟବସାୟ କରନ୍ତି । ତେଣୁ ସର୍ଭେ ସମୟରେ ପ୍ରାଥମିକ ଏବଂ ଗୋଷ୍ଠୀସ୍ତରୀୟ ତଥ୍ୟ ସଂଗ୍ରହ କରିବା ବହୁତ କଷ୍ଟକର ଥିଲା ।
- ଏତ୍‌ଦ ବ୍ୟତୀତ ୍ ପ୍ରଭାବିତ ଅଂଚଳର ଲୋକମାନେ ବାହାରିଆ ହୋଇଥିବାରୁ ସେମାନଙ୍କ ମଧ୍ୟରେ ଆତ୍ମୀୟତା ଏବଂ ସାମାଜିକ ସଂପର୍କ ଏତେ ସଦୃଢ ନ ଥିଲା । ଯାହା ଫଳରେ ପି.ଆର.ଏ, ଏଫ. ଜି. ଡି. ଇତ୍ୟାଦି ପରିଚାଳନା ଆୟୋଜନ କରିବା ଆମ ସର୍ଭେ ଦଳ ପାଇଁ କଷ୍ଟକର ଥିଲା ।
- ପ୍ରଭାବିତ ପରିବାର ମାନଙ୍କ ମଧ୍ୟରୁ କେବଳ ଗୋଟିଏ ପରିବାର ପ୍ରଭାବିତ ଅଂଚଳରେ ରହୁଥିବା ବେଳେ ବାକି ୨ଟି ପରିବାର ପ୍ରଭାବିତ ଅଂଚଳ ବାହାରେ ରହୁଛନ୍ତି । ତେଣୁ ସର୍ଭେ ଦଳ ପାଇଁ ସର୍ଭେ କାର୍ଯ୍ୟ କଷ୍ଟକର ଥିଲା ।

*****

ଅଧ୍ୟାୟ–୪

# ପ୍ରକଳ୍ପ ଦ୍ୱାରା ଅଧିଗ୍ରହଣ ହେବାକୁ ଥିବା  ଜମିର ଆକଳନ ଓ ବିଶ୍ଳେଷଣ

ଜମି ଏକ ସ୍ଥାୟୀ ସମ୍ପତ୍ତି ହୋଇଥିବାରୁ ଉତ୍ତରାଧିକାରୀ ସୂତ୍ରରେ ପିଢି ପରେ ପିଢି ମାଲିକାନାସତ୍ତ୍ୱ ମିଳି ଆସିଥାଏ । ତେଣୁ ଜମି ଏକ ଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତି ଅଟେ ଏବଂ ବ୍ୟକ୍ତିର ସାମାଜିକ ଓ ଆର୍ଥିକ ସ୍ଥିତିକୁ ସ୍ଥିର କରିବାରେ ଏକ ନିର୍ଣ୍ଣାୟକ ଭୂମିକା ନେଇଥାଏ । ଏତଦ୍‌ଭିନ୍ନ ଲୋକମାନଙ୍କର ଜମି ସହିତ ଭାବାଗତ ସଂପର୍କ ରହିଛି । ତେଣୁ କୌଣସି ପ୍ରକଳ୍ପ ନିମନ୍ତେ ଜମି ହରାଇବା ଏକ ପୀଡାଦାୟକ ଘଟଣା ହୋଇଥାଏ । ଉକ୍ତ ନବନିର୍ମିତ ମହାଅଧିବକ୍ତାଙ୍କ କାର୍ଯ୍ୟାଳୟ ନିମନ୍ତେ ଯାନବାହନ ରଖିବା ପାଇଁ ସ୍ଥାନ ନିର୍ମାଣ ପ୍ରକଳ୍ପ ନିମନ୍ତେ ସବିଶେଷ ବିବରଣୀ ପ୍ରଦାନ ଏବଂ ବିଶ୍ଳେଷଣ କରାଯାଇଛି ।

## ୪.୧ ଜମିର ଆକଳନ

ପ୍ରସ୍ତାବିତ ନବନିର୍ମିତ ମହାଅଧିବକ୍ତାଙ୍କ କାର୍ଯ୍ୟାଳୟ ନିମନ୍ତେ ଯାନବାହନ ରଖିବା ପାଇଁ ସ୍ଥାନ ନିର୍ମାଣ ପ୍ରକଳ୍ପ ପାଇଁ ୟୁନିଟ-୧୪, ନୟାସଡକରୁ ଆବଶ୍ୟକ ହେଉଥିବା ୦.୧୧୯ ଏକର ଘରୋଇ ମାଲିକାନରେ ଥିବା ଜମି ଅଧିଗ୍ରହଣ ହେବ  । ଏହାର ସବିଶେଷ ତଥ୍ୟ ନିମ୍ନରେ ପ୍ରଦାନ କରାଗଲା ।

**ସାରଣୀ ୪.୧ ପ୍ରକଳ୍ପ ପାଇଁ ଅଧିଗ୍ରହଣହେବାକୁ ଥିବା  ଘରୋଇ ଜମି (ଏକରରେ)**

| ଗ୍ରାମ ନାମ | ବ୍ୟକ୍ତିଗତ ଜମି | ସରକାରୀ ଜମି | ଧାର୍ମିକ ଅନୁଷ୍ଠାନ ଜମି | ସର୍ବସାଧାରଣ ଜମି | ଜଙ୍ଗଲ ଜମି | ଅନ୍ୟାନ୍ୟ | ମୋଟ |
|---|---|---|---|---|---|---|---|
| କଟକ ସହର, ୟୁନିଟ-୧୪ | ୦.୧୧୯ | - | - | - | - | - | ୦.୧୧୯ |

**ସାରଣୀ ୪.୨ ପ୍ରକଳ୍ପ ପାଇଁ ଅଧିଗ୍ରହଣହେବାକୁ ଥିବା  ଜମିର ମାଲିକାନା(ଏକରରେ)**

| ଗ୍ରାମ ନାମ | ବ୍ୟକ୍ତିଗତ ଜମି | | ସରକାରୀ ଜମି | ଧାର୍ମିକ ଅନୁଷ୍ଠାନ ଜମି | | ଜବରଦଖଲ କାରୀ | | ମୋଟ | |
|---|---|---|---|---|---|---|---|---|---|
| କଟକ ସହର, ୟୁନିଟ-୧୪ | ପରିମାଣ | % | - | ପରିମାଣ | % | ପରିମାଣ | % | ପରିମାଣ | % |
| | ୦.୧୧୯ | ୧୦୦ | - | - | - | - | - | ୦.୧୧୯ | ୧୦୦ |
| ମୋଟ | ୦.୧୧୯ | ୧୦୦ | - | - | - | - | - | ୦.୧୧୯ | ୧୦୦ |

**ସାରଣୀ ୪.୩ ପ୍ରକଳ୍ପ ପାଇଁଅଧିଗ୍ରହଣ ହେବାକୁ ଥିବା ଜମିର ବିବରଣୀ (ଏକରରେ)**

| ଗ୍ରାମ ନାମ | ପରିବାର ସଂଖ୍ୟା | ପ୍ଲଟ ସଂଖ୍ୟା | ମୋଟ ଜମିର ପରିମାଣ | ପ୍ରଭାବିତ ଜମିର ପରିମାଣ |
|---|---|---|---|---|
| କଟକ ସହର, ୟୁନିଟ-୧୪ | ୦୩ | ୦୩ | ୦.୧୧୯ | ୦.୧୧୯ |
| ମୋଟ | ୦୩ | ୦୩ | ୦.୧୧୯ | ୦.୧୧୯ |

ଉପରୋକ୍ତ ତଥ୍ୟରୁ ଏହା ସ୍ପଷ୍ଟ ଯେ ପ୍ରକଳ୍ପ ପାଇଁ ଆବଶ୍ୟକ ହେଉଥିବା ବ୍ୟକ୍ତିଗତ ଜମି ୦୩ ଟି ପରିବାରର ୦୩ ଟି ପ୍ଲଟରୁ ଆସିବ । ହିସାବରୁ ଜଣାଯାଏ ଯେ ସମୁଦାୟ ୦.୧୧୯ ଏକର ବ୍ୟକ୍ତିଗତ ଜମିରୁ ୦.୧୧୯ ଏକର ଜମି ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବ । ଏହା କଟକ ସଦର ତହସିଲ ଅନ୍ତର୍ଗତ ୟୁନିଟ-୧୪,ନୟାସଡକରୁ ପ୍ରଭାବିତ ହେବ ।

## ୪.୨.ପ୍ରଭାବିତ ଜମିର କିସମ

ପ୍ରକଳ୍ପ ପାଇଁ ଆବଶ୍ୟକ ହେଉଥିବା ଜମିର କିସମ ଏବଂ ପରିମାଣ ସାରଣୀ ୪.୪ ରେ ପ୍ରଦତ୍ତ ହୋଇଅଛି । ତଥ୍ୟ ଆଧାରରେ ଏହା ସ୍ପଷ୍ଟ ଯେ କେବଳ ଅନ୍ୟାନ୍ୟ ଜମି ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବ ।

**ସାରଣୀ ୪.୪ ପ୍ରଭାବିତ ଜମିର କିସମ**

| ଗ୍ରାମର ନାମ | ଚାଷ ଜମି | ପ୍ରଭାବିତ ଜମି | ଘରବାରି | ପ୍ରଭାବିତ ଜମି | ଜଳାଶୟ | ପ୍ରଭାବିତ | ବଗାୟତ ୦୨ | ପ୍ରଭାବିତ | ଅନ୍ୟାନ୍ୟ(ଡଙ୍ଗର-୨) | ପ୍ରଭାବିତ | ମୋଟ | ମୋଟ ପ୍ରଭାବିତ |
|---|---|---|---|---|---|---|---|---|---|---|---|---|
| କଟକ ସହର, ୟୁନିଟ-୧୪ | - | - | ୦.୧୧୯ | - | - | - | - | - | - | | ୦.୧୧୯ | ୦.୧୧୯ |
| ମୋଟ | - | - | ୦.୧୧୯ | - | - | - | - | - | - | - | ୦.୧୧୯ | ୦.୧୧୯ |

## ୪.୩.ଜମିଧାରଣ ଏବଂ ଜଳସେଚନ

ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା ଜମି ଘରବାରି ସହିତ ବାସସ୍ଥାନ ଥିବାରୁ ଜମିଧାରଣ ଏବଂ ଜଳସେଚନର ବିଶ୍ଳେଷଣ ଆବଶ୍ୟକ ନାହିଁ ।

## ୪.୪.ପରିବାର ଲୋକଙ୍କ ବ୍ୟତୀତ ଅନ୍ୟ ଦାବିଦାର

ପ୍ରକଳ୍ପ ତରଫରୁ ମିଳୁଥିବା ସହଯୋଗ ଓ ସୁବିଧା ସୁଯୋଗ ପ୍ରକୃତ ଦାବିଦାରଙ୍କୁ ମିଳିବା ଦରକାର । ତେଣୁ ସବୁ ପ୍ରକାରର ଗୁରୁତ୍ୱ ଦେବା ଦରକାର ଯେପରି, ଦାବିଦାର ଓ ପ୍ରକୃତ ଜମି ମାଲିକ ଏକ ହେବା ଦରକାର । ପ୍ରାଥମିକ ସୂତ୍ରରୁ ମିଳିଥିବା ତଥ୍ୟ ମୁତାବକ ପ୍ରଭାବିତ ପରିବାର ବ୍ୟତୀତ ଅନ୍ୟ ଗୋଟିଏ ପରିବାର ଦାବିଦାର ଅଛନ୍ତି । ଯାହାକି ପରବର୍ତ୍ତୀ ସମୟରେ କ୍ଷତିପୂରଣ ରାଶି ପ୍ରଦାନ ସମୟରେ ନିୟମ ଅନୁଯାୟୀ ନିର୍ଣ୍ଣୟ କରାଯିବ ।

**ସାରଣୀ ୪.୫ ପ୍ରଭାବିତ ଜମି ପାଇଁ ପରିବାର ଲୋକଙ୍କ ବ୍ୟତୀତ ଅନ୍ୟ ଦାବିଦାର**

| ଗ୍ରାମ ନାମ | ହ | % | ନା | % | ମୋଟ | % |
|---|---|---|---|---|---|---|
| କଟକ ସହର, ୟୁନିଟ-୧୪ | ୦୧ | ୩୩.୩୩ | ୦୨ | ୬୬.୬୬ | ୦୩ | ୧୦୦ |

## ୪.୫. ପ୍ରଭାବିତ ଜମିର ବ୍ୟବହାର ପ୍ରକାର

ଗୋଟିଏ ଅଂଚଳର ଅଧିବାସୀଙ୍କ ଆର୍ଥିକ ସ୍ଥିତି ତାଙ୍କର ଜମିର ବ୍ୟବହାରିତା ଉପରେ ନିର୍ଭର କରେ । ମୁଖ୍ୟତଃ ଗ୍ରାମୀଣ ଅର୍ଥନୀତି ବ୍ୟବସ୍ଥାରେ କୃଷି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସହିତ ବଂଚିବାର ସ୍ତର ନିର୍ଣ୍ଣୟ କରିଥାଏ । ସର୍ଭେ ହୋଇଥିବା ଗ୍ରାମରୁ ଏହା ପ୍ରତ୍ୟୟମାନ ଯେ ମୋଟ ପ୍ରଭାବିତ ୦.୧୧୯ ଏକର ଜମି ମଧ୍ୟରୁ ସମସ୍ତ ଘରବାରି ଜମି ୦.୧୧୯ହିସାବରେ ଅଛି । (ସାରଣୀ ୪.୬)

**ସାରଣୀ ୪.୬ ପ୍ରଭାବିତ ଜମିର ବ୍ୟବହାର ପ୍ରକାର (ଏକରରେ)**

| ଗ୍ରାମ ନାମ | ମୋଟ ଜମି | କୃଷି | ଘରବାରି | ଅନ୍ୟାନ୍ୟ |
|---|---|---|---|---|
| କଟକ ସହର, ୟୁନିଟ-୧୪ | **୦.୧୧୯** | - | **୦.୧୧୯** | - |
| ମୋଟ | **୦.୧୧୯** | - | **୦.୧୧୯** | - |

## ୪.୬. ପ୍ରଭାବିତ ପରିବାରଙ୍କ ଚାଷର ପ୍ରକାର

ଅଧ୍ୟୟନ ଦଳ ଦ୍ୱାରା ପ୍ରାଥମିକ ତଥା ୨ୟ ସୂତ୍ରରୁ ମିଳିଥିବା ତଥ୍ୟ ମୁତାବକ ପ୍ରଭାବିତ ପରିବାରଙ୍କ ମଧ୍ୟରୁ ୩ଟି ପରିବାରଙ୍କ ଜମି କେବଳ ଘରବାରି ସହିତ ବାସସ୍ଥାନ ଥିବାରୁ ଚାଷର ପ୍ରକାରର ବିଶ୍ଲେଷଣର ଆବଶ୍ୟକତା ନାହିଁ ।

## ୪.୭. ପ୍ରଭାବିତ ଜମି ଉପରେ ଥିବା ନିର୍ମାଣ ଓ ସମ୍ପତ୍ତି

ନବନିର୍ମିତ ମହାଅଧିବକ୍ତାଙ୍କ କାର୍ଯ୍ୟାଳୟ ନିମନ୍ତେ ଯାନରହଣୀ ସ୍ଥଳ ନିର୍ମାଣପ୍ରକଳ୍ପ ପାଇଁ ହେଉଥିବା ଜମି ଅଧିଗ୍ରହଣ ଦ୍ୱାରା କେତେ ମାତ୍ରାରେ ବ୍ୟକ୍ତିଗତ ତଥା ସାମୁହିକ ଭୂମି ଆଧାରିତ ସମ୍ପତ୍ତିର କ୍ଷୟକ୍ଷତି ହେବ ତାର ଏକ ଚିଠା ନିମ୍ନ ସାରଣୀ ୪.୭ରେ ଉଲ୍ଲେଖ କରାଯାଇଛି । ତଥ୍ୟ ମୁତାବକ କୌଣସି ପ୍ରକାର ସାମୁହିକ ସମ୍ପତ୍ତିକ୍ଷତିଗ୍ରସ୍ତ ହେଉନାହିଁ ।

**୪.୭ ପ୍ରଭାବିତ ହେବାକୁ ଯାଉଥିବା ବ୍ୟକ୍ତିଗତ ସଂପତ୍ତି**

| ଗ୍ରାମ ନାମ/ସଂପତ୍ତିର ଦର | ଗଛ | | | କୂଅ | ନଳକୂଅ | ବନ୍ଧ | ଅନ୍ୟାନ୍ୟ ନିର୍ମାଣ | ମୋଟ |
|---|---|---|---|---|---|---|---|---|
| | ଫଳନ୍ତି ଗଛ | ଅଫଳନ୍ତି ଗଛ | ମୋଟ | | | | | |
| କଟକ ସହର, ୟୁନିଟ-୧୪ | - | - | - | - | - | | ପୁରାତନ ଦୁଇ ମହଲା ବାସଗୃହ ଓ ୨ଟି ଦୋକାନ ଗୃହ | - |
| ଦର | - | - | - | - | - | | ୧୫ ରୁ ୨୦ ଲକ୍ଷ | - |

## ୪.୮. ପ୍ରଭାବିତ ଜମି ଉପରେ ନିର୍ଭରଶୀଳତା

ସାମାଜିକ ପ୍ରଭାବ ଆକଳନ କରୁଥିବା ଅଧ୍ୟୟନ ଦଳ ପ୍ରଭାବିତ ଗ୍ରାମରେ ରହି ଯତ୍ନର ସହିତ ନିରୀକ୍ଷଣ କରି ଜାଣିବାକୁ ଚେଷ୍ଟା କରିଛି ଯେ ଏପରି କୌଣସି ପରିବାର ରହିଛନ୍ତିକି, ଯିଏକି ପ୍ରଭାବିତ ଜମି ଉପରେ ସଂପୂର୍ଣ୍ଣ ନିର୍ଭର କରି ଚଳନ୍ତି । ଯାହାକି ସମାଜର ଦୁର୍ବଳ ଶ୍ରେଣୀ ପରିବାରଗୁଡିକର ଜୀବିକାକୁ ପ୍ରଭାବିତ କରିଥାଏ । ଚଳିତ ଅଧ୍ୟୟନରୁ ଯାହା ଜଣାଗଲା ପ୍ରଭାବିତ ଜମି ଉପରେ ୨ଟି ଦୋକାନ ଘର ଅଛି ।

*****

ଅଧ୍ୟାୟ-୫

# ପ୍ରଭାବିତ ପରିବାର ମାନଙ୍କର ସାମାଜିକ ଓ ଅର୍ଥନୈତିକ ସ୍ଥିତି

ପ୍ରକଳ୍ପ ଅଂଚଳରେ ବସବାସ କରୁଥିବା ଲୋକମାନଙ୍କର ସାମାଜିକ ଏବଂ ଅର୍ଥନୈତିକ ଅବସ୍ଥାକୁ ବୁଝିବାକୁ ହେଲେ ସେମାନଙ୍କ ଜୀବନ ଧାରଣର ମାନ ତଥା ବଂଚିବାର ଶୈଳୀକୁ ପ୍ରଥମେ ବୁଝିବା ଦରକାର । ଭୂମି ଅଧିଗ୍ରହଣ ଆବଶ୍ୟକ କରୁଥିବା ବିକାଶମୂଳକ ଭିତ୍ତିଭୂମି ପ୍ରକଳ୍ପ ଗୁଡିକକ୍ଷେତ୍ରରେ ଏହାର ଅଧିବାସୀଙ୍କ ସାମାଜିକ ଓ ଅର୍ଥନୈତିକ ଜୀବନ ଉପରେ ପ୍ରତ୍ୟକ୍ଷ ପ୍ରଭାବ ପଡ଼ିଥାଏ । ତେଣୁ ଏପରି କୌଣସି ପ୍ରକଳ୍ପ ଆରମ୍ଭ ହେବା ପୂର୍ବରୁ ଅଂଚଳର ସାମାଜିକ, ଅର୍ଥନିତିକ ଏବଂ ରାଜନିତିକ ସ୍ଥିତକୁ ଅତି ନିକଟରୁ ଅଧ୍ୟୟନ କରିବା ଜରୁରୀ ଅଟେ । ଯାହାକି ପ୍ରକଳ୍ପ ଅଧିକାରୀ, ଯୋଜନା ପ୍ରଣୟନକାରୀ ତଥା ପୁନର୍ବାସ ଏବଂ ଥଇଥାନ ନୀତି ପ୍ରଣୟନକାରୀଙ୍କୁ ପ୍ରକଳ୍ପର ପ୍ରତିକୂଳ ପ୍ରଭାବ ହ୍ରାସ କରିବା ଦିଗରେ ସହାୟକହୋଇଥାଏ । ଏହାକୁ ବିଚାରକୁ ନେଇ ବର୍ତ୍ତମାନର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନଟି କଟକ ଜିଲ୍ଲା କଟକ ସଦର ତହସିଲ ଅର୍ନ୍ତଗତ ୟୁନିଟ-୧୪, ନୟାସଡକରେ ହୋଇଅଛି ।

## ୫.୧ ଅଧ୍ୟୟନ ହୋଇଥିବା ଜିଲ୍ଲା(କଟକ)

କଟକ ହେଉଛି ଓଡିଶାର ପୁରାତନ ରାଜଧାନୀ ଏବଂ ଦ୍ୱିତୀୟ ବୃହତ୍ତମ ସହର,ଏହା କଟକ ଜିଲ୍ଲା ମୁଖ୍ୟାଳୟ ଅଟେ ।୧୦୦୦ବର୍ଷର ଇତିହାସ ଏବଂ ପ୍ରସିଦ୍ଧ ରୂପା ଫିଲିଗ୍ରି କାର୍ଯ୍ୟ ହେତୁ କଟକ ମିଲେନିୟମ ସିଟି ସହିତ ସିଲଭର ସିଟି ଭାବରେ ଜଣାଶୁଣା ଓଡ଼ିଶା ହାଇକୋର୍ଟ ଏଠାରେ ଅବସ୍ଥିତ ଥିବାରୁ ଏହା ଓଡିଶାର ନ୍ୟାୟିକ ରାଜଧାନୀ ଭାବରେ ବିବେଚନା କରାଯାଏ। ଏହା ମଧ୍ୟ ଓଡିଶାର ବାଣିଜ୍ୟକ ରାଜଧାନୀ ଯାହା ସହର ତଥା ଏହାର ଆଖପାଖରେ ଅନେକ ବାଣିଜ୍ୟକ ଏବଂ ବ୍ୟବସାୟ ସ୍ଥଳି ବିକଶିତ ହୋଇଛି । କଟକ ଏବଂ ଭୁବନେଶ୍ୱରକୁ ଓଡ଼ିଶାର ଟ୍ୱିନ୍ ସିଟି ବୋଲି କୁହାଯାଏ ।

କଟକ ଜିଲ୍ଲା ଓଡ଼ିଶାର ମଧ୍ୟ ଭାଗରେ ଅବସ୍ଥିତ । ଏହା ଏକ ପୁରାତନ ଐତିହ୍ୟ ସଂମ୍ପୂର୍ଣ୍ଣ ଜିଲ୍ଲା ଅଟେ । ଏହି ଜିଲ୍ଲାର ଉତ୍ତରରେ ଢେଙ୍କାନାଳ ଜିଲ୍ଲା, ପଶ୍ଚିମରେ ନୟାଗଡ/ଅନୁଗୁଳ ଜିଲ୍ଲା, ପୂର୍ବରେ ଜଗତସିଂହପୁର/ଯାଜପୁର ଜିଲ୍ଲା ଓ ଦକ୍ଷିଣରେ ଖୋର୍ଦ୍ଧା ଜିଲ୍ଲା ଅବସ୍ଥିତ । ଏହି ଜିଲ୍ଲାଟି ୩୯୩୨ ବର୍ଗ କି.ମି. ଅଞ୍ଚଳକୁ ନେଇ ବିସ୍ତୃତ । ଜିଲ୍ଲାରେ ମୋଟ ୩ଟି ଉପଖଣ୍ଡ (କଟକ, ଆଠଗଡ ଓ ବାଙ୍କି), ୧୪ଟି ବ୍ଲକ/ତହସିଲ ଯଥା- ଆଠଗଡ, ବାଙ୍କି, ବଡମ୍ବା, ବାରଙ୍ଗ, ଡମପଡା, କଣ୍ଟାପଡା, ମାହାଙ୍ଗା, ନରସିଂପୁର, ନିଆଳି, ନିଶ୍ଚିତ କୋଇଲି, ସାଲେପୁର, ଟାଙ୍ଗି/ଚୌଦ୍ୱାର ଏବଂ ଟିଗିରିଆ । ୪ଟି ସହରାଞ୍ଚଳ ସ୍ୱୟଂଶାସିତ ସଂସ୍ଥା ଯଥା- କଟକ, ଚୌଦ୍ୱାର ଏବଂ ମ୍ୟୁନିସିପାଲଟି ଚୌଦ୍ୱାର ଏବଂ ଆଠଗଡ, ବାଙ୍କି ବିଜ୍ଞାପିତ ଅଂଚଳ ପରିଷଦ । କଟକ ଜିଲ୍ଲାରେ ୩୭୭ଟି ଗ୍ରାମ ପଂଚାୟତ ଏବଂ ୧୯୫୨ଟି ଗ୍ରାମ ୨୦୧୧ ଜନଗଣନା ଅନୁସାରେ ଅଛି । ୨୦୧୧ ଜନଗଣନା ଅନୁସାରେ ଜିଲ୍ଲାର ମୋଟ ଜନସଂଖ୍ୟା ୨୬୨୪୪୭୦ ମଧ୍ୟରୁ ୧୨୭୧୭୧୦ ମହିଳା ଓ ୧୩୫୨୭୬୦ ପୁରୁଷ ଅଟନ୍ତି ।

**ସାରଣୀ ୫.୧: ସଂକ୍ଷେପରେ ଜିଲ୍ଲାର ତଥ୍ୟ**

| ବିଭିନ୍ନ ପରିମାପକ | ଜିଲ୍ଲା (କଟକ) | ରାଜ୍ୟ (ଓଡ଼ିଶା) |
|---|---|---|
| ଭୌଗୋଳିକ ପରିସୀମା (ବର୍ଗ କି.ମି.) | ୩୯୩୨ | ୧୫୫୭୦୭ |
| ଉପଖଣ୍ଡ ସଂଖ୍ୟା | ୩ | ୫୮ |
| ବ୍ଲକ୍ ସଂଖ୍ୟା | ୧୪ | ୩୧୪ |
| ବିଜ୍ଞାପିତଅଂଚଳ ପରିଷଦ /ପୌରାଂଚଳ ସଂଖ୍ୟା | ୪ | ୬୮ |
| ଗ୍ରାମ ପଂଚାୟତ ସଂଖ୍ୟା | ୩୭୭ | ୬୨୩୪ |
| ଗ୍ରାମ ସଂଖ୍ୟା | ୧୯୫୨ | ୫୧୩୪୯ |
| ଘର ସଂଖ୍ୟା | ୫୭୯୧୭୦ | ୯୬୩୭୮୨୦ |
| ମୋଟ ଜନସଂଖ୍ୟା | ୨୬୨୪୪୭୦ | ୪୧୯୭୪୨୧୮ |
| ପୁରୁଷ ଜନସଂଖ୍ୟା | ୧୩୫୨୭୬୦ | ୨୧୨୧୨୧୩୬ |
| ମହିଳା ଜନସଂଖ୍ୟା | ୧୨୭୧୭୧୦ | ୨୦୭୬୨୦୮୨ |
| ତଫସିଲଭୁକ୍ତ ଜାତି (%) | ୪୯୮୬୩୩ | ୧୭.୧୩ |
| ତଫସିଲଭକ୍ତ ଜନଜାତି (%) | ୯୩୭୪୫ | ୨୨.୮୫ |
| ବର୍ଗ କି.ମି. ପ୍ରତି ଜନସଂଖ୍ୟା | ୬୬୭ | ୨୭୦ |
| ଲିଙ୍ଗ ଅନୁପାତ (୧୦୦୦ ପୁରୁଷରେ ମହିଳାଙ୍କ ସଂଖ୍ୟା) | ୯୪୦ | ୯୭୯ |
| ସାକ୍ଷରତା ହାର (%) | ୮୫.୫ | ୭୨.୮୭ |

୨୦୧୧ ଜନଗଣନା ଅନୁସାରେ

## ୫.୨ କଟକ ସଦର ବ୍ଲକ/ତହସିଲ ବିଷୟରେ

ଅଧ୍ୟୟନ ଅଂଚଳଟି ୟୁନିଟ-୧୪, ନୟାସଡକ କଟକ ଜିଲ୍ଲା ମୁଖ୍ୟାଳୟ କଟକ ସହରରେ ଅବସ୍ଥିତ। ଯାହାକି ରାଜ୍ୟ ମୁଖ୍ୟାଳୟ ଭୁବନେଶ୍ୱର ଠାରୁ ୨୫ କି.ମି. ଦୁରରେ ଅବସ୍ଥିତ। ବ୍ଲକଟି ମୋଟ ୧୭ଟି ଗ୍ରାମ ପଚଂାୟତ ଓ୧୧୮ଟି ଗ୍ରାମକୁ ନେଇ ଗଠିତ। ଏହି ବ୍ଲକ ଉତ୍ତରରେ ସାଲେପୁର, ପଶ୍ଚିମରେ କଟକ ସହର, ପୂର୍ବରେ ନିଶ୍ଚିନ୍ତକୋଇଲିବ୍ଲକ ଓ ଦକ୍ଷିଣରେ ବାରଙ୍ଗବ୍ଲକ ଅବସ୍ଥିତ । ୨୦୧୧ ଜନଗଣନା ଅନୁସାରେ ବ୍ଲକରେ ମୋଟ ଜନସଂଖ୍ୟା ୧୪୧୬୯୩ ଏବଂ ଗୃହ ସଂଖ୍ୟା ୩୦୬୬୮ ଅଟେ। ସାକ୍ଷରତା ହାର ୮୨.୩୯ ପ୍ରତିଶତ ଏବଂ ହରିଜନ ଜନସଂଖ୍ୟା ୪୧୩୫୨ଥିବାବେଳେ ଆଦିବାସୀ ଜନସଂଖ୍ୟା ୨୮୯୫ଅଟେ।

**ସାରଣୀ ୫.୨ କଟକ ସଦର ବ୍ଲକ/ତହସିଲର ତଥ୍ୟ**

| | |
|---|---|
| ଭୌଗୋଳିକ ପରିସୀମା (ବର୍ଗ କି.ମି.) | ୧୭୫.୯୩ |
| ଗ୍ରାମପଂଚାୟତସଂଖ୍ୟା | ୧୭ |
| ଗ୍ରାମ ସଂଖ୍ୟା | ୧୧୮ |
| ମୋଟ ପରିବାର ସଂଖ୍ୟା | ୩୦୬୬୮ |
| ଜନସଂଖ୍ୟା | ୧୪୧୬୯୩ |
| ପୁରୁଷ ଜନସଂଖ୍ୟା | ୭୨୪୦୯ |

| | |
|---|---|
| ମହିଳା ଜନସଂଖ୍ୟା | ୬୯୨୮୪ |
| ହରିଜନ ଜନସଂଖ୍ୟା | ୪୧୩୫୨ |
| ଆଦିବାସୀ ଜନସଂଖ୍ୟା | ୨୮୯୫ |
| ସାକ୍ଷରତା ହାର (%) | ୮୨.୩୯ |
| ମୋଟ କର୍ମଜିବୀ | ୮୧୦୮୪ |
| ମୁଖ୍ୟ କର୍ମଜିବୀ | ୩୬୮୬୩ |

୨୦୧୧ ଜନଗଣନା ଅନୁସାରେ

## ୫.୩. ଅଧ୍ୟୟନ ହେଉଥିବା ୱାର୍ଡ ବିଷୟରେ (ୱାର୍ଡ ନଂ-୧୩)

ୟୁନିଟ-୧୪, ନୟାସଡକହେଉଛି କଟକ ମହାନଗର ନିଗମ ୱାର୍ଡ-୧୩ଅଟେ। ଏହି ଗ୍ରାମଟି ବ୍ଲକ ମୁଖ୍ୟାଳୟ କଟକ ସହରରେ ଅବସ୍ଥିତ। ୨୦୧୧ ଜନଗଣନା ଅନୁଯାୟୀ ଏହି ୱାର୍ଡର ୯୮୨୦ ଲୋକ ବସବାସ କରନ୍ତି। ସେମାନଙ୍କ ମଧ୍ୟରୁ ୪୮୩୦ ପୁରୁଷ ଏବଂ ୪୯୯୦ ମହିଳା ଅଟନ୍ତି। ୱାର୍ଡରେ ମୋଟ ୨୧୪୫ଟି ଘର ଅଛି। ବିଦ୍ୟାଳୟ ଓ ଅଙ୍ଗନବାଡି ସେବା ସମ୍ପୃକ୍ତ ୱାର୍ଡରେ ଉପଲବ୍ଧ ଅଛି।

## ୫.୪. ପ୍ରକଳ୍ପ ପ୍ରଭାବିତ ପରିବାରଙ୍କ ବିଷୟରେ


ନବନିର୍ମିତ ମହାଅଧିବକ୍ତାଙ୍କ କାର୍ଯ୍ୟାଳୟ ନିମନ୍ତେ ଯାନରହଣୀ ସ୍ଥଳ ନିର୍ମାଣପ୍ରକଳ୍ପ ପାଇଁ ୦.୧୧୯ ଏକର ବ୍ୟକ୍ତିଗତ ମାଲିକାନରେ ଥିବା ଜମି କଟକ ଜିଲ୍ଲା କଟକ ସଦର ତହସିଲ ଅର୍ନ୍ତଗତ ୱାର୍ଡ ନଂ ୧୩ ୟୁନିଟ-୧୪ ନୟାସଡକରେ ଅବସ୍ଥିତ। ତଥ୍ୟ ମୁତାବକ ୩ଟି ପରିବାର ଉକ୍ତ ଜମି ପ୍ରକଳ୍ପ ଦ୍ଵାରା ପ୍ରଭାବିତ ହେବ। ଅଧ୍ୟୟନ ଦଳ ଦ୍ଵାରା ୩ଟି ପ୍ରଭାବିତ ରହିଛି ସେଥିରୁ ୦୨ଟି ପରିବାରର  ସର୍ଭେ କରାଯାଇଛି। ସାରଣୀ ୫.୩ରେ ସବିଶେଷ ତଥ୍ୟ ପ୍ରଦାନ କରାଯାଇଛି।

**ସାରଣୀ ୫.୩ ପ୍ରଭାବିତ ପରିବାରର ବିବରଣୀ**

| କ୍ର.ନଂ | ଗ୍ରାମ | ଗ୍ରାମପଂଚାୟତ | ତହସିଲ | ପ୍ରଭାବିତ ପରିବାର | ମୋଟ ଜମି | ପ୍ରଭାବିତ ଜମି |
|---|---|---|---|---|---|---|
| ୧ | କଟକ ସହର, ୟୁନିଟ-୧୪ | ୱାର୍ଡ -୧୩ | କଟକ ସଦର | ୦୩ | ୦.୧୧୯ | ୦.୧୧୯ |
| **ମୋଟ** | - | - | - | **୦୩** | **୦.୧୧୯** | **୦.୧୧୯** |

### ୫.୪.୧. ସର୍ବେକ୍ଷଣ ହୋଇଥିବା ପରିବାରର ତଥ୍ୟ

ସର୍ବେକ୍ଷଣ ହୋଇଥିବା ୦୨ଟି ପ୍ରତ୍ୟେକ୍ଷ ପ୍ରଭାବିତ ପରିବାରର ମୋଟ ଜନସଂଖ୍ୟା ୦୭, ଯେଉଁଥିରୁ ମହିଳା ୦୬ ଏବଂ ପୁରୁଷ ୦୧।



**ସାରଣୀ ୫.୪ ପ୍ରକଳ୍ପ ପ୍ରଭାବିତ ପରିବାର**

| ଗ୍ରାମର ନାମ | ସର୍ଭେ ପରିବାର | ମୋଟ ଜନସଂଖ୍ୟା | ପୁରୁଷ | ମହିଳା |
|---|---|---|---|---|
| କଟକ ସହର, ୟୁନିଟ-୧୪ | ୦୨ | ୦୭ | ୦୧ | ୦୬ |

## ୫.୪.୨. ଲିଙ୍ଗ ଏବଂ ବୟସ ଆଧାରରେ ଜନସଂଖ୍ୟା ବିଭାଜନ


ବୟସ ଭିତ୍ତିରେ ଜନସଂଖ୍ୟା ବିଭାଜନ ଦ୍ଵାରା ପରିବାରର ସାମାଜିକ ଓ ଅର୍ଥନୈତିକସ୍ଥିତି ବିଷୟରେ ଅବଗତ କରିହୁଏ ଓ ଏହା ମଧ୍ୟ ପରିବାରର କୁଶଳୀ କର୍ମଜୀବୀମାନଙ୍କର ତଥ୍ୟ ପ୍ରଦାନ କରିଥାଏ । ସାଧାରଣତଃ ୧୮ରୁ ୪୫ ବର୍ଷ ବୟସ୍କ ବ୍ୟକ୍ତିମାନଙ୍କର ପରିବାରର ରୋଜଗାରରେ ଅବଦାନ ରହିଛି ଓ ସେମାନଙ୍କ ଉପରେ ପରିବାରର ଅନ୍ୟ ସଦସ୍ୟମାନେ ନିର୍ଭର କରିଥାନ୍ତି । ସଂଗୃହୀତ ତଥ୍ୟରୁ ଏହା ଅନୁମେୟ ଯେ ପ୍ରଭାବିତ ଅଂଚଳରେ ପୁରୁଷ ତୁଳନାରେ ମହିଳାଙ୍କ ସଂଖ୍ୟା ଅଧିକ। ମୋଟ ଜନସଂଖ୍ୟାର ଏକ ବଡ ବର୍ଗ(୧୮-୪୫ବର୍ଷ)ରେ ୦୪ ଜଣ ଅଛନ୍ତି। ୬୦- ବର୍ଷରୁ ଉର୍ଦ୍ଧ ୦୩ ଜଣ ଅଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରଭାବିତ ଜନସଂଖ୍ୟାର ବୟସଗତ ବିଭାଜନ କରାଯାଇଛି (ସାରଣୀ ୫.୫)

**ସାରଣୀ – ୫.୫. ପ୍ରଭାବିତ ଜନସଂଖ୍ୟାର ବୟସ ବିଭାଜନ**

| ଗ୍ରାମ | ଲିଙ୍ଗ | ୦-୬ | ୬+ରୁ ୧୪ | ୧୪+ରୁ ୧୮ | ୧୮+ରୁ ୪୫ | ୪୫+ରୁ ୬୦ | ୬୦ ବର୍ଷରୁ ଅଧିକ | ସମୁଦାୟ |
|---|---|---|---|---|---|---|---|---|
| କଟକ ସହର, ୟୁନିଟ-୧୪ | ପୁରୁଷ | - | - | - | - | - | ୦୧ | ୦୧ |
| | % | - | - | - | - | - | ୧୦୦ | ୧୦୦ |
| | ମହିଳା | - | - | - | ୦୪ | - | ୦୨ | ୦୬ |
| | % | - | - | - | ୬୬.୬୬ | - | ୩୩.୩୩ | ୧୦୦ |
| | ସମୁଦାୟ | - | - | - | ୦୪ | - | ୦୩ | ୦୭ |
| | % | - | - | - | ୫୭.୧୪ | - | ୪୨.୮୬ | ୧୦୦ |

## ୫.୪.୩. ସାମାଜିକ ସ୍ଥିତିକୁ ନେଇ ପରିବାର ବିଭାଜନ

ସାଧାରଣତଃ ଗୋଟିଏ ପରିବାରର ସାମାଜିକ ଏବଂ ଅର୍ଥନୈତିକ ସ୍ଥିତିକୁ ବୁଝିବା ପାଇଁ ପରିବାରର ଗଠନବୁଝିବା ଦରକାର। ତେଣୁ ଅଧ୍ୟୟନ ଦଳ ଏହି ଆଧାରରେ ପ୍ରଭାବିତ ପରିବାରଙ୍କର ବିଶ୍ଳେଷଣ କରିଅଛି। ସଂଗୃହୀତ ତଥ୍ୟରୁ ଏହା ଅନୁମେୟ ଯେ ଅଧ୍ୟୟନ ହୋଇଥିବା ୦୨ଟି ପରିବାରମଧ୍ୟରୁ ୧ଟି ପରିବାର ଏକାର୍ଣ୍ଣବର୍ତ୍ତୀ ଓ ୧ଟି ମହିଳା ମୁଖ୍ୟ ପରିବାର ଅଛନ୍ତି। ନିମ୍ନ ସାରଣୀ ୫.୬ ଗ୍ରାମ ଅନୁସାରେ ସବିଶେଷ ତଥ୍ୟ



ପ୍ରଦତ୍ତ କରାଯାଇଛି ।

**ସାରଣୀ ୫.୬ ପରିବାର ପ୍ରକାର**

| ଗ୍ରାମର ନାମ | ଏକାନ୍ନବର୍ତ୍ତୀ | ଯୌଥ | ଏକକ | ମହିଳା ମୁଖ୍ୟ | ମୋଟ |
|---|---|---|---|---|---|
| କଟକ ସହର, ୟୁନିଟ-୧୪ | ୦୧ | - | - | ୦୧ | ୦୨ |
| % | ୫୦ | - | - | ୫୦ | ୧୦୦ |

## ୫.୪.୪.ଜାତି ଏବଂଧର୍ମକୁ ନେଇ ପ୍ରଭାବିତ ପରିବାରଙ୍କ ବିଭାଜନ

ଆଜି ମଧ୍ୟ ଭାରତୀୟ ସମାଜ ଜାତି, ଧର୍ମ ଏବଂ ଲିଙ୍ଗଗତ ଭେଦଭାବ ଦ୍ୱାରା ପ୍ରଭାବିତ । ପ୍ରକଳ୍ପ ପ୍ରଭାବିତ ଲୋକମାନଙ୍କ ସାମାଜିକ ସଂରଚନାରୁ ଏହା ପ୍ରତ୍ୟୟମାନ ଯେ, ଅଧ୍ୟୟନ ହୋଇଥିବା ସମସ୍ତ ୦୨ଟି ପରିବାର ସମସ୍ତେ ହିନ୍ଦୁ ଅଟନ୍ତି ।

**ସାରଣୀ ୫.୭ପ୍ରଭାବିତ ଲୋକମାନଙ୍କର ଜାତି ଏବଂ ଧର୍ମ ବିଭାଜନ**

| ଗ୍ରାମର ନାମ | ଜାତି | | | | ଧର୍ମ | | | |
|---|---|---|---|---|---|---|---|---|
| | ଏସ.ସି | ଏସ.ଟି | ଓ.ବି.ସି | ଜେନେରାଲ | ହିନ୍ଦୁ | ମୁସଲମାନ | ଖ୍ରୀଷ୍ଟିୟାନ | ଅନ୍ୟାନ୍ୟ |
| କଟକ ସହର, ୟୁନିଟ-୧୪ | - | - | - | ୦୨ | ୦୨ | - | - | - |
| % | - | - | - | ୧୦୦ | ୧୦୦ | - | - | - |

ପ୍ରକଳ୍ପ ଅଂଚଳରେ ଯଦି କେହି ସମ୍ବେଦନଶୀଳ ଗୋଷ୍ଠୀ ଥାଆନ୍ତି ତେବେ ଅଧିକ ପ୍ରଭାବିତ ହେବାର ସମ୍ଭାବନା ଥାଏ । ତେଣୁ ଅଧ୍ୟୟନ ସମୟରେ ଏହି ଗୋଷ୍ଠୀକୁ ଚିହ୍ନଟ କରିବା ପାଇଁ ବିଶେଷ ଧ୍ୟାନ ଦିଆଯାଇଛି ।

## ୫.୪.୫.ବୈବାହିକ ସ୍ଥିତି ଆଧାରରେ ଜନସଂଖ୍ୟା ବିଭାଜନ

ସାଧାରଣତଃ ସମାଜରେ ଜଣେ ବ୍ୟକ୍ତିର ବୈବାହିକ ସ୍ଥିତି ଦ୍ୱାରା ତାର ଦୈନନ୍ଦିନର ଅଭ୍ୟାସ ବ୍ୟବହାରିକ ଦୃଷ୍ଟିଭଙ୍ଗୀ ଏବଂ ସାମାଜିକ ସମସ୍ୟା ପ୍ରତି ତାର ପ୍ରତିକ୍ରିୟା ଆଦି ପ୍ରଭାବିତ ହୋଇଥାଏ । ତେଣୁ ଅଧ୍ୟୟନ ଦଳ ପ୍ରଭାବିତ ଲୋକଙ୍କର ବୈବାହିକ ସ୍ଥିତିକୁ ଜାଣିବାକୁ ଚେଷ୍ଟା କରିଥିଲେ । ସଂଗୃହୀତ ତଥ୍ୟ ହିସାବରେ ୨୮.୫୭% ପ୍ରଭାବିତ ଜନସଂଖ୍ୟା ବିବାହିତ ହୋଇଥିବା ସ୍ଥଳେ ୫୭.୧୪% ଅବିବାହିତ ଅଛନ୍ତି, ସେଥିମଧ୍ୟରୁ ଜଣେ ବିଧବା ମହିଳା ଅଛନ୍ତି । ତଳ ସାରଣୀ ୫.୮ରେ ଗ୍ରାମର ସମସ୍ତ ତଥ୍ୟ ପ୍ରଦାନ ହୋଇଅଛି ।

**ସାରଣୀ ୫.୮ ବୈବାହିକ ସ୍ଥିତି:**

| ଗ୍ରାମର ନାମ | ବିବାହିତ | ଅବିବାହିତ | ଛାଡପତ୍ର | ଅଲଗା | ବିଧବା (ମହିଳା) | ବିଧବା (ପୁରୁଷ) | ମୋଟ |
|---|---|---|---|---|---|---|---|
| କଟକ ସହର, ୟୁନିଟ-୧୪ | ୦୨ | ୦୪ | - | - | ୦୧ | - | ୦୭ |
| % | ୨୮.୫୭ | ୫୭.୧୪ | - | - | ୧୪.୨୮ | - | ୧୦୦ |

## ୫.୪.୬.ଶିକ୍ଷା ଆଧାରରେ ଜନସଂଖ୍ୟା ବିଭାଜନ

ଶିକ୍ଷା ସବୁବେଳେ ଗୋଟିଏ ସମାଜପାଇଁ ବିକାଶର ମାପଦଣ୍ଡ ହିସାବରେ ପରିଗଣିତ ହୋଇଥାଏ । ତଥ୍ୟ ଅନୁସାରେ ୧୦୦% ଶିକ୍ଷିତ ଅଛନ୍ତି ।

**ସାରଣୀ ୫.୯ଶିକ୍ଷାର ସ୍ଥିତି: (କ)**

| ଗ୍ରାମର ନାମ | ଶିକ୍ଷିତ | | ଅଶିକ୍ଷିତ | | ଶିଶୁ (୦-୬) | | ମୋଟ |
|---|---|---|---|---|---|---|---|
| | ପୁ | ଝି | ପୁ | ଝି | ପୁ | ଝି | |
| କଟକ ସହର, ୟୁନିଟ-୧୪ | ୦୧ | ୦୬ | - | - | - | - | ୦୭ |
| % | ୧୪.୨ | ୮୫. | - | - | - | - | ୧୦୦ |

ପୁନଶ୍ଚ ପ୍ରଭାବିତ ପରିବାରଙ୍କ ସର୍ବେକ୍ଷଣ ତଥ୍ୟ ଅନୁସାରେ **ଉଚ୍ଚ ପ୍ରାଥମିକ** ପାଠପଢା ୨୮.୫୭% , ଯୁକ୍ତ-୩ ପର୍ଯ୍ୟନ୍ତ ପାଠ ପଢା (୫୭.୧୪%) ଅଛନ୍ତି ଓ ବୈଷୟିକ ୧୪.୨୮% ଅଛନ୍ତି । ତଳ ସାରଣୀ ୫.୯(ଖ)ରେ ସବିଶେଷ ତଥ୍ୟ ପ୍ରଦାନ କରାଯାଇଛି ।

**ସାରଣୀ ୫.୯ ଶିକ୍ଷାର ସ୍ଥିତି: (ଖ)**

| ଗ୍ରାମର ନାମ | ଲିଙ୍ଗ | ସାମାନ୍ୟ ଲେଖାପଢା | ପ୍ରାଥମିକ | ଉଚ୍ଚ ପ୍ରାଥମିକ | ମେଟ୍ରିକ | ଯୁକ୍ତ-୨ | ଯୁକ୍ତ – ୩ | ବୈଷୟକ | ମୋଟ |
|---|---|---|---|---|---|---|---|---|---|
| କଟକ ସହର, ୟୁନିଟ-୧୪ | ପୁରୁଷ | - | - | - | - | - | ୦୧ | - | ୦୧ |
| | % | - | - | - | - | - | ୧୦୦ | - | ୧୦୦ |
| | ମହିଳା | - | - | ୦୨ | - | - | ୦୩ | ୦୧ | ୦୬ |
| | % | - | - | ୩୩.୩୩ | - | - | ୫୦.୦୦ | ୧୬.୬୬ | ୧୦୦ |
| ସମୁଦାୟ | ପୁରୁଷ/ମହିଳା | - | - | ୦୨ | - | - | ୦୪ | ୦୧ | ୦୭ |
| | % | - | - | ୨୮.୫୭ | - | - | ୫୭.୧୪ | ୧୪.୨୮ | ୧୦୦ |

## ୫.୪.୭. ପ୍ରଭାବିତ ପରିବାରଙ୍କ ବୃତ୍ତି

ଅଧ୍ୟୟନ ସମୟରେ ପ୍ରଭାବିତ ପରିବାରମାନଙ୍କର ମୌଳିକ ବୃତ୍ତି ଏବଂ ପାରିବାରିକ ଆୟକୁ ଜାଣିବା ପାଇଁ ଚେଷ୍ଟା କରାଯାଇଛି । ବିଶେଷ କରି ପରିବାର ମୁଖ୍ୟଙ୍କ ଜୀବିକା ଆଧାରିତ ଆୟ ଏବଂ ଦକ୍ଷତାକୁ ବୁଝିବା ପ୍ରାଧାନ୍ୟ ଦିଆଯାଇଛି । ଯାହାକି ଭବିଷ୍ୟତରେ ପୁନର୍ବାସ ଏବଂ ଥଇଥାନ ଯୋଜନା ପ୍ରସ୍ତୁତ ସମୟରେ ସାହାଯ୍ୟ କରିବ । ତଥ୍ୟରୁ ଜଣାଯାଏ ଯେ ପ୍ରଭାବିତ ଗ୍ରାମର ୦୨ଟି ପରିବାର ମଧ୍ୟରୁ୧ଟି ପରିବାର ଚାକିରି, ୦୧ଟି ପରିବାର ଅନ୍ୟାନ୍ୟ ଆୟ କରି ଗୁଜୁରାଣ ମେଣ୍ଟାନ୍ତି । ନିମ୍ନ ସାରଣୀ ୫.୧୦ ରେ ଲୋକମାନଙ୍କର ବୃତ୍ତି ସଂପର୍କିତ ତଥ୍ୟ ପ୍ରଦାନ କରାଯାଇଛି ।

**ସାରଣୀ ୫.୧୦ ଗ୍ରାମ ଅନୁସାରେ ପାରିବାରିକ ବୃତ୍ତି ବିଭାଜନ**

| ଗ୍ରାମର ନାମ | ଚାକିରି | ବ୍ୟବସାୟ | ଦିନ ମଜୁରିଆ | ଗୃହିଣୀ | ଅବସରପ୍ରାପ୍ତ | ଅନ୍ୟାନ୍ୟ | ମୋଟ |
|---|---|---|---|---|---|---|---|
| କଟକ ସହର, ୟୁନିଟ-୧୪ | ୦୧ | - | - | - | - | ୦୧ | ୦୨ |
| % | ୫୦ | - | - | - | - | ୫୦ | ୧୦୦ |

## ୫.୪.୮.ପାରିବାରିକ ଆୟ ଆଧାରରେ ବିଭାଜନ

ଗୋଟିଏ ପରିବାରର ବାର୍ଷିକ ଆୟରୁ ତାର ଜୀବନଧାରଣର ମାନ ଖର୍ଚ୍ଚର ଧାରା ସଂଚୟର କ୍ଷମତା ଇତ୍ୟାଦି ଜଣାପଡିଥାଏ । ଯାହାକି ଜଣେ ବ୍ୟକ୍ତିର ଅର୍ଥନୈତିକ ଅବସ୍ଥାକୁ ସୂଚାଇଥାଏ । ତେଣୁ ଆମକୁ ଲୋକମାନଙ୍କର ବାର୍ଷିକ ଆୟକୁ ଅଧ୍ୟୟନ ମଧ୍ୟକୁ ଆଣିବାକୁ ପଡିଥିଲା । ପ୍ରାଥମିକ ସୁତ୍ରରୁ ଯାହା ଜଣାପଡେ ୧ଟି ପରିବାର ୬ ଲକ୍ଷରୁ ୮ ଲକ୍ଷ ଚାକିରି କରି ୨ ଲକ୍ଷରୁ ୩ ଲକ୍ଷ ଅନ୍ୟାନ୍ୟ ସୂତ୍ରରୁ ଆୟ କରୁଛନ୍ତି । ନିମ୍ନ ସାରଣୀ ୫.୧୧ ରେ ଲୋକମାନଙ୍କର ବୃତ୍ତି ସଂପର୍କିତ ତଥ୍ୟ ପ୍ରଦାନ କରାଯାଇଛି ।

**ସାରଣୀ ୫.୧୧ ଗ୍ରାମ ଅନୁସାରେ ବାର୍ଷିକ ପାରିବାରିକ ଆୟ**

| ଗ୍ରାମର ନାମ | କୃଷି | ପଶୁପାଳନ | ମାଛଚାଷ | ଚାକିରି | ମଜୁରି | ଇ୍ୟବସାୟ | ଅନ୍ୟାନ୍ୟ |
|---|---|---|---|---|---|---|---|
| କଟକ ସହର, ୟୁନିଟ-୧୪ | - | - | - | ୦୧ | - | - | ୦୧ |
| ଆୟ (ଟଙ୍କା) | - | - | - | ୬ ଲକ୍ଷରୁ ୮ ଲକ୍ଷ | - | - | ୨ ଲକ୍ଷରୁ ୩ ଲକ୍ଷ |

## ୫.୪.୯.ପାରିବାରିକ ବ୍ୟୟ ଆଧାରରେ ବିଭାଜନ

ସାମାଜିକ-ଅର୍ଥନୈତିକ ବିଶ୍ଳେଷଣର ଏକ ଅଂଶ ସ୍ୱରୂପ ପ୍ରଭାବିତ ପରିବାରଙ୍କ ଜୀବନ ଧାରଣରମାନକୁ ବୁଝିବା ପାଇଁ ବିଭିନ୍ନ ବାବଦକୁ ଗତବର୍ଷ ହୋଇଥିବା ଖର୍ଚ୍ଚର ତଥ୍ୟ ସଂଗ୍ରହ କରା ଯାଇଥିଲା । ଅଧ୍ୟୟନଦଳ ମୁଖ୍ୟତଃ ପାରିବାରିକ ଖର୍ଚ୍ଚର ବିଭିନ୍ନ ଦିଗ ଯଥା- ଖାଦ୍ୟପାଇଁ ଖର୍ଚ୍ଚ ଏବଂ ଅଣଖାଦ୍ୟପାଇଁ ଖର୍ଚ୍ଚର ତଥ୍ୟ ସଂଗ୍ରହ ଏବଂ ବିଶ୍ଳେଷଣ କରି ଆୟ ଏବଂ ବ୍ୟୟ ମଧ୍ୟରେ ଥିବା ସହସଂପର୍କକୁ ସ୍ଥାପିତ କରିବା ପାଇଁ ଚେଷ୍ଟା କରାଯାଇଛି । ସଂଗୃହୀତ ତଥ୍ୟ

ମୁତାବକା ୧ଟି ପରିବାର ଅନୁମାନିକ ମାସିକ ଖର୍ଚ୍ଚ ୫୦୦୦ ରୁ ୧୦,୦୦୦, ଓ ୧ଟି ପରିବାର ୧୦୦୦୦ରୁ ଅଧିକ ଟଙ୍କା ଖର୍ଚ୍ଚ କରିଥାଆନ୍ତି । ନିମ୍ନ ସାରଣୀ ୫.୧୨ରେ ସବିଶେଷ ତଥ୍ୟ ଉପସ୍ଥାପିତ ହୋଇଛି ।

**ସାରଣୀ ୫.୧୨ ଗ୍ରାମ ଅନୁସାରେ ମାସିକ ପାରିବାରିକ ବ୍ୟୟ**

| ଗ୍ରାମର ନାମ | ନଂ ଏବଂ % | ୧୦୦୦ ରୁ କମ | ୧୦୦୦-୨୦୦୦ | ୨୦୦୦-୩୦୦୦ | ୩୦୦୦-୫୦୦୦ | ୫୦୦୦-୧୦୦୦୦ | ୧୦୦୦୦ ରୁ ଉର୍ଦ୍ଧ | ମୋଟ |
|---|---|---|---|---|---|---|---|---|
| କଟକ ସହର, ୟୁନିଟ-୧୪ | ନଂ | - | - | - | - | ୦୧ | ୦୧ | ୦୨ |
| | % | - | - | - | - | ୫୦ | ୫୦ | ୧୦୦ |

**ସାରଣୀ ୫.୧୩ ପ୍ରଭାବିତ ପରିବାର ଗୁଡିକର ଖାଦ୍ୟ ବାବଦକୁ ହାରାହାରି ମାସିକ ଖର୍ଚ୍ଚ**

| ଗ୍ରାମର ନାମ | ନଂ ଏବଂ | ୧୦୦୦ ରୁ କମ | ୧୦୦୦-୨୦୦୦ | ୨୦୦୦-୩୦୦୦ | ୩୦୦୦-୫୦୦୦ | ୫୦୦୦-୧୦୦୦୦ | ୧୦୦୦୦ ରୁ ଉର୍ଦ୍ଧ | ମୋଟ |
|---|---|---|---|---|---|---|---|---|
| କଟକ ସହର, ୟୁନିଟ-୧୪ | ନଂ | - | - | - | ୦୧ | ୦୧ | - | ୦୨ |
| | % | - | - | - | ୫୦ | ୫୦ | - | ୧୦୦ |

ପୁନଶ୍ଚ ପ୍ରଭାବିତ ପରିବାର ଗୁଡିକର ଖାଦ୍ୟ ବାବଦକୁ ଖର୍ଚ୍ଚ ବିବରଣୀର ତଥ୍ୟ ବିଶ୍ଳେଷଣରୁ ଯାହା ଜଣାଯାଏ,୧ଟି ପରିବାରଙ୍କର ହାରାହାରି ମାସିକ ଖର୍ଚ୍ଚ୩୦୦୦ ରୁ ୫୦୦୦ ମଧ୍ୟରେ ଓ ୧ଟି ପରିବାର ୫୦୦୦/- ରୁ ୧୦୦୦୦/- ଖାଦ୍ୟ ବାବଦକୁ ମାସିକଖର୍ଚ୍ଚ କରିଥାନ୍ତି । ଉପରୋକ୍ତ ସାରଣୀ ୫.୧୩ ତଥ୍ୟ ପ୍ରଦାନ କରାଗଲା ।

## ୫.୪.୧୦. ପ୍ରଭାବିତ ପରିବାରଙ୍କ ଗୃହର ସ୍ଥିତି

ଭୂମି ଅଧିଗ୍ରହଣ ସଂପର୍କିତ ପ୍ରଭାବ ଅଧ୍ୟୟନ ପାଇଁ ପ୍ରଭାବିତଙ୍କ ଗୃହର ସ୍ଥିତି ଆକଳନ ଗୁରୁତ୍ୱପୂର୍ଣ୍ଣ ଅଟେ । ପ୍ରଭାବିତ ପରିବାରଙ୍କ ଗୃହଗୁଡିକୁ ଯାଇ ସର୍ବେକ୍ଷଣକାରୀମାନେ ବ୍ୟକ୍ତିଗତ ଭାବରେ ପରକ୍ଷୀ ଥିଲେ । ତଥ୍ୟରୁ ଯାହା ଜଣାଯାଏ ସମସ୍ତ ପ୍ରଭାବିତ ପରିବାର ନିଜଘରେ ରହୁଛନ୍ତି । ଦେଖାଗଲା ଯେ ସମସ୍ତ୨ଟି ପରିବାର ଇଟା ଓ ସିମେଣ୍ଟ ଘରେ ରହୁଛନ୍ତି । ସେହିପରି ଛାତକୁ ଦେଖିଲେ ୨ଟି ପରିବାରର ପକ୍କା ଛାତଘରେ ରହୁଛନ୍ତି । ଘରର ସବିଶେଷ ତଥ୍ୟ ନିମ୍ନ ସାରଣୀ ୫.୧୪ରେ ପ୍ରଦତ୍ତ ହୋଇଛି ।

**(କ) କାନ୍ଥର ଗଠନ:** **ସାରଣୀ ୫.୧୪ ବାସଗୃହର ସ୍ଥିତି**

| ଗ୍ରାମ | ନଂ ଓ % | କାଦୁଅ | କାଦୁଅ ଏବଂ ବାଉଁଶ | କାଦୁଅ ଓ ଇଟା | ଇଟା ଓ ସିମେଟ | ମୋଟ |
|---|---|---|---|---|---|---|
| କଟକ ସହର, ୟୁନିଟ-୧୪ | ନଂ | - | - | - | ୦୨ | ୦୨ |
| | % | - | - | - | ୧୦୦ | ୧୦୦ |

**(ଖ) ଛାତର ଗଠନ:**

| ଗ୍ରାମ | ନଂ ଓ % | ଚାଳ/ଛପର | ଆଜବେଷ୍ଟର | ଟାଇଲ | କଂକ୍ରିଟ ଛାତ | ମୋଟ |
|---|---|---|---|---|---|---|
| କଟକ ସହର, ୟୁନିଟ-୧୪ | ନଂ | - | - | - | ୦୨ | ୦୨ |
| | % | - | - | - | ୧୦୦ | ୧୦୦ |

## ୫.୪.୧୧. ଗୃହ ଆସବାସପତ୍ର

ଘରକରଣା ସଂପତ୍ତି ପରିବାରର ଆର୍ଥିକ ସ୍ଥିତିର ମୂଲ୍ୟ ବୃଦ୍ଧି କରେ । ତେଣୁ ପ୍ରଭାବିତ ପରିବାର ଗୁଡିକର ସ୍ୱଚ୍ଛଳତା ବର୍ଗୀକରଣ କଲା ବେଳେ ଗୃହ ସଂପତ୍ତି ଗୁଡିକର ତାଲିକାକୁ ବିଚାରକୁ ନିଆଯାଇଥିଲା । ଅନୁଧ୍ୟାନରୁ ଜଣାପଡିଲା ଯେ କିଛି ପ୍ରଭାବିତ ପରିବାରଙ୍କ ପାଖରେ ବିଭିନ୍ନ ପ୍ରକାରର ଗୃହ ଆସବାସପତ୍ର ଯଥା- ଟି.ଭି, ମୋବାଇଲଫୋନ, ସାଇକେଲ ଏବଂ ଦୁଇଚକିଆ ଯାନ ଇତ୍ୟାଦି ଅଛି । ତଥ୍ୟ ମୁତାବକ ରୋଷେଇ ସରଞ୍ଜାମ ଏବଂ ଗହଣା ଏକ ସାଧାରଣ ସମ୍ପତ୍ତି ଭାବରେ କିଛି ଘରେ ରହିଛି । ଉପରୋକ୍ତ ତଥ୍ୟରୁ ଯାହା ଜଣାଯାଏ ପ୍ରଭାବିତ ପରିବାର ଗୁଡିକର ଜୀବନ ଧାରଣର ମାନ ସେତେ ଭଲ ନାହିଁ । ନିମ୍ନ ସାରଣୀ ୫.୧୫ରେ ସବିଶେଷ ତଥ୍ୟ ପ୍ରଦତ୍ତ ହେଲା ।

**ସାରଣୀ ୫.୧୫ ଗୃହ ଆସବାସପତ୍ର**

| ଆସବାସପତ୍ର | କଟକ ସହର, ୟୁନିଟ-୧୪ | |
|---|---|---|
| | ନଂ | % |
| ଟିଭି | ୦୨ | ୧୦୦ |
| ଫ୍ରିଜ୍ | ୦୧ | ୫୦ |
| ମୋବାଇଲ୍ ଫୋନ୍ | ୦୨ | ୧୦୦ |
| ସାଇକେଲ | ୦୧ | ୫୦ |
| ଦୁଇ ଚକିଆ ଯାନ | ୦୧ | ୫୦ |
| ଚାରି ଚକିଆ ଯାନ | - | - |
| ଏଲ୍.ପି.ଜି. ଗ୍ୟାସ୍ | ୦୨ | ୧୦୦ |
| ବାସନକୁସନ | ୦୨ | ୧୦୦ |
| ଅଳଙ୍କାର | ୦୨ | ୧୦୦ |
| ଅନ୍ୟାନ୍ୟ ଆସବାବପତ୍ର | - | - |

## ୫.୪.୧୨ ସ୍ୱାସ୍ଥ୍ୟ ଯତ୍ନଶୀଳତା ପାଇଁ ବ୍ୟବହାରରେ ପରିବର୍ତ୍ତନ

ପ୍ରଭାବିତ ପରିବାରଙ୍କର ସ୍ୱାସ୍ଥ୍ୟ ସ୍ଥିତିକୁ ଜାଣିବା ପାଇଁ ଭୋଗିଥିବା ରୋଗର ପ୍ରକାର ଏବଂ ନେଇଥିବା ଚିକିତ୍ସା ପଦ୍ଧତିକୁ ମାପକ ଭାବରେ ନିଆ ଯାଇଥିଲା । ଅସୁସ୍ଥତାର ପ୍ରକାରକୁ ଜାଣିବା ପାଇଁ ରୋଗର ପ୍ରକୋପ ଏବଂ ପ୍ରଭେଦକୁ

ବିଚାରକୁ ନିଆଯାଇଛି । ଆପଣେଇଥିବା ଚିକିତ୍ସା ପଦ୍ଧତି ବୁଝିବା ପାଇଁ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଅନୁଷ୍ଠାନ ମାନଙ୍କ ସହିତ ଥିବା ସମ୍ପର୍କ/ଯୋଗାଯୋଗକୁ ପରଖା ଯାଇଥିଲା । ଯଦିଓ ଅଂଚଳର ଲୋକମାନେ ଜିଲ୍ଲା ମୁଖ୍ୟାଳୟଠାରୁ ୪ କି.ମି. ଦୁରରେ ଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସେବା ନେଉଥିବାର ଦେଖାଯାଏ ।

**ସାରଣୀ ୫.୧୬ ଆନୁଷଙ୍ଗିକ ସ୍ୱାସ୍ଥ୍ୟ କେନ୍ଦ୍ରର ଉପଲବ୍ଧତା**

| ଗ୍ରାମ ନାମ | ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର | ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର | ଜିଲ୍ଲା ଡାକ୍ତରଖାନା | ବେସରକାରୀ ଡାକ୍ତରଖାନା | ଅନ୍ୟାନ୍ୟ | ମୋଟ |
|---|---|---|---|---|---|---|
| କଟକ ସହର, ୟୁନିଟ-୧୪ | - | - | ୦୨ | - | - | ୦୨ |
| % | - | - | ୧୦୦ | - | - | ୧୦୦ |

## ୫.୪.୧୩ ପ୍ରଭାବିତ ଅଂଚଳରେ ସ୍ୱମ୍ବେଦନଶୀଳତାର ସ୍ଥିତି

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଛତା ଆଇନ - ୨୦୧୩ ଅନୁସାରେ ମହିଳା, ଶିଶୁ, ବୃଦ୍ଧ/ବୃଦ୍ଧା, ଭିନ୍ନକ୍ଷମ, ବିଧବା, ମହିଳା ମୁଖ୍ୟ, ଏବଂ ଅନ୍ୟାନ୍ୟ ସାମାଜିକ/ଆର୍ଥିକ ଦୁର୍ବଳଶ୍ରେଣୀର ଲୋକଙ୍କୁ ସମ୍ବେଦନଶୀଳ ଗୋଷ୍ଠି କୁହାଯାଏ । ପ୍ରକଳ୍ପ ଅଂଚଳରେ ଯଦି ଏହି ଧରଣର ଲୋକମାନେ ଥାଆନ୍ତି ତେବେ ଅଧିକ ଭାବରେ ପ୍ରଭାବିତ ହେବାର ସମ୍ଭାବନା ଥାଏ । ତେଣୁ ଅଧ୍ୟୟନ ସମୟରେ ଏହି ଗୋଷ୍ଠିକୁ ଚିହ୍ନଟ କରିବା ପାଇଁ ବିଶେଷ ଧ୍ୟାନ ଦିଆଯାଇଛି । ତଥ୍ୟରୁ ଜଣାଯାଏ ଯେ କେବଳ ଗୋଟିଏ ପ୍ରଭାବିତ ପରିବାର ଅଛି । ସ୍ୱମ୍ବେଦନଶୀଳ ଗୋଷ୍ଠୀର ସବିଶେଷ ବିବରଣୀ ନିମ୍ନ ସାରଣୀରେ ଉଲ୍ଲେଖ କରାଯାଇଛି ।

**ସାରଣୀ ୫.୧୭ ପ୍ରଭାବିତ ଅଂଚଳରେ ସ୍ୱମ୍ବେଦନଶୀଳତାର ସ୍ଥିତି**

| ଗ୍ରାମର ନାମ | ହରିଜନ | ଆଦିବାସୀ | ମହିଳା ମୁଖ୍ୟ ପରିବାର | ଭିନ୍ନକ୍ଷମ ପରିବାର | | | ବାର୍ଦ୍ଧକ୍ୟବସ୍ଥା |
|---|---|---|---|---|---|---|---|
| | | | | ଶାରିରୀକ | ମାନସିକ | ଦୃଷ୍ଟିଶକ୍ତି | |
| କଟକ ସହର, ୟୁନିଟ-୧୪ | - | - | ୦୧ | - | - | - | - |

## ୫.୪.୧୪. ପ୍ରଭାବିତ ପରିବାରଙ୍କ ଭୂ-ସଂମ୍ପତି

ଭାରତରେ ଗ୍ରାମୀଣ ସମାଜ ପାଇଁ ଜମି ଏକ ସାମାଜିକ ପ୍ରତିଷ୍ଠା ଭାବରେ ବିବେଚନା କରାଯାଇଥାଏ । ଯଦିଓ ଏକ କୃଷକ ପରିବାର ପାଇଁ ଏହା ପେଟପାଟଣାର କଥା ହୋଇଥାଏ, ତେଣୁ ଜମି ଯେ କେବଳ ଏକ ସମ୍ପତ୍ତି ତାହା ନୁହେଁ ଏହା ବ୍ୟକ୍ତିର ଭାବାବେଗ ସହିତ ଜଡିତ, ବିଶେଷ କରି ଯେତେବେଳେ ଜମି ଅଧିଗ୍ରହଣ କଥା ଆସେ, ସେତେବେଳେ ଅଧ୍ୟୟନ ଦଳ ପ୍ରଭାବିତ ପରିବାରଙ୍କ ଜମି ଧାରଣର ସ୍ଥିତିକୁ ଅନୁଧ୍ୟାନ କରେ, ଏହା ଜଣାଗଲା ଯେ ତାଙ୍କ ନିକଟରେ ଥିବା ୦.୧୧୯ ଏକର ଜମି ବ୍ୟକ୍ତିଗତ ମାଲିକାନାରେ ଅଛି ଏବଂ ସେଥିରୁ ୦.୧୧୯ ଏକର ପ୍ରଭାବିତ ହେବ । ତଥ୍ୟରୁ ଜଣାଗଲା ଯେ ଗ୍ରାମରେ ଜମିର ତଥ୍ୟ ତଳ ସାରଣୀ ୫.୧୮ରେ ପ୍ରଦତ୍ତ ହେଲା ।

**ସାରଣୀ ୫.୧୮ ଜମିର ପ୍ରକାର**

| ଗ୍ରାମ ନାମ | ମୋଟ ଜମି | ବ୍ୟକ୍ତିଗତ ଜମି | ସରକାରୀ ଜମି | ଧାର୍ମିକ ଅନୁଷ୍ଠାନ ଜମି | ସର୍ବସାଧାରଣ ଜମି | ଜଙ୍ଗଲ ଜମି | ଅନ୍ୟାନ୍ୟ |
|---|---|---|---|---|---|---|---|
| କଟକ ସହର, ୟୁନିଟ-୧୪ | ୦.୧୧୯ | ୦.୧୧୯ | - | - | - | -- | - |

ପୁନଶ୍ଚ ଜମିର ବ୍ୟବହାର ପ୍ରକାର ଅନୁଧ୍ୟାନରୁ ଜଣାଗଲା ଯେ ୧୦୦% ୦.୧୧୯ ଏକର ବ୍ୟକ୍ତିଗତ ଜମି ଘରବାରି ଭାବେ ବ୍ୟବହାର କରାଯାଉଅଛି । ତଥ୍ୟ ନିମ୍ନ ସାରଣୀ ୫.୧୯ରେ ପ୍ରଦତ୍ତ ହୋଇଛି ।

**ସାରଣୀ ୫.୧୯ପ୍ରଭାବିତ ଜମିର ବ୍ୟବହାର**

| ଗ୍ରାମ ନାମ | ମୋଟ ବ୍ୟକ୍ତିଗତ ଜମି | ଚାଷ ଜମି | ଫଳ ବଗିଚା | ଘରବାରି | ବ୍ୟବସାୟିକ | ଜଙ୍ଗଲ | ପତିତ | ଅନ୍ୟାନ୍ୟ |
|---|---|---|---|---|---|---|---|---|
| କଟକ ସହର, ୟୁନିଟ-୧୪ | ୦.୧୧୯ | - | - | ୦.୧୧୯ | - | - | - | - |
| % | ୧୦୦ | - | - | ୧୦୦ | - | - | - | - |

*****

# ସାମାଜିକ ପ୍ରଭାବ ଏବଂ ପାରିବାରିକ ଉପଲବ୍ଧି

ଉନ୍ନୟନ ମୂଳକ ଯୋଜନା ଗୁଡ଼ିକର ପ୍ରଭାବ ଭିନ୍ନ ଭିନ୍ନ ପ୍ରକାରର ପରିଲକ୍ଷିତ ହୋଇଥାଏ । ତେଣୁ ଏକ ସୁନିର୍ଣ୍ଣିତ ପ୍ରତିକାରାତ୍ମକ ଯୋଜନା ପ୍ରସ୍ତୁତ ପାଇଁ ଏହାର ପ୍ରତିକୂଳ ପ୍ରଭାବକୁ ଆଗୁଆ ଚିହ୍ନଟ କରିବା ନିହାତି ଜରୁରୀ ଅଟେ । ନବନିର୍ମିତ ମହାଅଧିବକ୍ତାଙ୍କ କାର୍ଯ୍ୟାଳୟ ନିମନ୍ତେ ଯାନରହଣୀ ସ୍ଥଳ ନିର୍ମାଣ ପ୍ରକଳ୍ପ ପାଇଁ ଆବଶ୍ୟକ ଜମି ଅଧିଗ୍ରହଣର ପ୍ରଭାବ ଆକଳନରେ ବିଭିନ୍ନ ପ୍ରକାରର ପି.ଆର.ଏ. କୌଶଳ ଅବଲମ୍ବନ କରାଯାଇଛି । ଯଦିଓ କାର୍ଯ୍ୟକାରୀ ସଂସ୍ଥା ଦ୍ୱାରା ପ୍ରକଳ୍ପ ସଂଲଗ୍ନ ଗୋଷ୍ଠୀ ଉପରେ ପ୍ରଭାବ କମାଇବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି । ତଥାପି ଗୋଷ୍ଠୀ ଉପରେ ପ୍ରକଳ୍ପ ପ୍ରଭାବକୁ ସଠିକ ଭାବରେ ଚିହ୍ନଟ କରି ଏକ ଉପଯୁକ୍ତ ପ୍ରତିକାରାତ୍ମକ ଯୋଜନା ପ୍ରସ୍ତୁତ କରିବା ଜରୁରୀ ଅଟେ । ମୂଳତଃ ସାମାଜିକ ପ୍ରଭାବ ବିଶ୍ଳେଷଣର ଦିଗଗୁଡିକ ହେଲା:

**ସାମାଜିକ ପ୍ରଭାବ ଆକଳନ**

**ସାମାଜିକ-ସାଂସ୍କୃତିକ ପ୍ରଭାବ**

- ସାମାଜିକ ସହଯୋଗ
- ଗୋଷ୍ଠୀ ସଂହତି
- ମହିଳା ଭାଗିଦାରିତା

**ପରିବେଶ ଉପରେ ପ୍ରଭାବ**

- ଜଙ୍ଗଲ
- ଜୈବ ବିବିଧତା
- ଉଭିଦ ଜଗତ
- ପ୍ରଦୂଷଣ

**ଅର୍ଥନୈତିକ ପ୍ରଭାବ**

- ଆବାସ ସ୍ଥଳ
- କୃଷି
- ଆସବାସ ପତ୍ର
- ବ୍ୟବସାୟ
- ଜୀବନ ଜୀବିକା
- ସର୍ବସାଧାରଣ ସଂପତ୍ତି

**ସର୍ବସାଧାରଣ ଜାଗା/ଭିତ୍ତିଭୂମି ଉପରେ ପ୍ରଭାବ**

- ରାସ୍ତାଘାଟ
- ସ୍କୁଲ କଲେଜ
- ବିଦ୍ୟୁତ୍ ଖୁଂଟ
- ନାଳ ନର୍ଦ୍ଦମା
- ଜଳ ଯୋଗାଣ

## ୬.୧ ସାମାଜିକ ପ୍ରଭାବ ଚିହ୍ନଟ ପାଇଁ ପ୍ରଣାଳୀ

ସାମାଜିକ ପ୍ରଭାବ ଆକଳନ ପ୍ରକ୍ରିୟା ଦ୍ୱାରା ପ୍ରଭାବିତ ଅଂଚଳରେ ମିଳୁଥିବା ସମ୍ବଳ, ସେବା ଏବଂ ଜୀବନ ଧାରଣର ମାନ ତଥା ପରିବେଶ ଇତ୍ୟାଦି କିପରି ପ୍ରକଳ୍ପ କାର୍ଯ୍ୟକାରୀ ହେବା ପରେ ପ୍ରଭାବିତ ହୁଏ, ସେ ବିଷୟରେ ଆମକୁ ଜଣାଇଥାଏ । ଉଭୟ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ପ୍ରଭାବିତ ଘଟଣାକୁ ଜାଣିବା ପାଇଁ ଆମେ ଲୋକଙ୍କ ସାହାଯ୍ୟ ନେଇ ପ୍ରଣାଳୀଗୁଡିକ ଅନୁସରଣ କରିଥିଲୁ ।

- ଗୃହ ସର୍ବେକ୍ଷଣ (ସମସ୍ତ ପ୍ରଭାବିତ ପରିବାର)
- ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା
- ସ୍ଥାନୀୟ ଲୋକ ପ୍ରତିନିଧି ଏବଂ ନେତୃସ୍ଥାନୀୟ ଲୋକଙ୍କ ସହ ଆଲୋଚନା ।
- ବିଭାଗୀୟ ସରକାରୀ କର୍ମଚାରୀ, ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା/ମହାଅଧିବକ୍ତା କାର୍ଯ୍ୟାଳୟ ଓ ପୂର୍ତ୍ତବିଭାଗ କଟକଙ୍କ ସହ ଆଲୋଚନା ।

ସାଧାରଣତଃ ପ୍ରକଳ୍ପମାନଙ୍କ ଦ୍ୱାରା ଜମି ଅଧିଗ୍ରହଣ କାରଣରୁ ଅନେକ ସ୍ଥାନରେ ବିସ୍ଥାପନ ଏକ ମୁଖ୍ୟ ପ୍ରସଙ୍ଗ ହୋଇ ମୁଣ୍ଡ ଟେକିଥାଏ । ବିସ୍ଥାପନ କ୍ଷେତ୍ରରେ ସବୁଠାରୁ ବଡ ସମସ୍ୟା ହେଲା ସଠିକ ଏବଂ ନ୍ୟାୟୋଚିତ ଥଇଥାନ । ବର୍ତ୍ତମାନରନବନିର୍ମିତ ମହାଅଧିବକ୍ତାଙ୍କ କାର୍ଯ୍ୟାଳୟ ନିମନ୍ତେ ଯାନରହଣୀ ସ୍ଥଳ ନିର୍ମାଣପ୍ରକଳ୍ପ ଏବଂ ଯାନରହଣୀ ସ୍ଥଳ ନିର୍ମାଣ  ଦ୍ୱାରା ବିସ୍ଥାପନର ସମ୍ଭାବନା ରହିଛି । ତଥ୍ୟରୁ ଜଣାଯାଏ ଯେ ଅଧିଗ୍ରହଣ ହେବାକୁ ଥିବା ମୋଟ ୦.୧୧୯ ଏକର ବ୍ୟକ୍ତିଗତ ଜମି ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବ । ପ୍ରକଳ୍ପର ବିଭିନ୍ନ ପର୍ଯ୍ୟାୟରେ ଘଟିବାକୁ ଥିବା ପ୍ରଭାବ ସଂପର୍କରେ ନିମ୍ନ ସାରଣୀରେ ଉଲ୍ଲେଖ କରାଗଲା ।

**ସାରଣୀ ୬.୧ ପ୍ରକଳ୍ପର ବିଭିନ୍ନ ପର୍ଯ୍ୟାୟରେ ଘଟିବାକୁ ଥିବା ପ୍ରଭାବ**

| ପ୍ରଭାବ | ପ୍ରକଳ୍ପ ପର୍ଯ୍ୟାୟ | ପ୍ରଭାବର ପ୍ରକାର | ପ୍ରଭାବର ତାତ୍ପର୍ଯ୍ୟ |
|---|---|---|---|
| ଜମି ଏବଂ ଜମି ଅଧାରିତ ଜୀବିକା | ସବୁ ପର୍ଯ୍ୟାୟରେ | ସକରାତ୍ମକ | ସାମାନ୍ୟ |
| ନିଯୁକ୍ତି ଏବଂ ଅର୍ଥନୀତି | ସବୁ ପର୍ଯ୍ୟାୟରେ | ନକରାତ୍ମକ | ନଗଣ୍ୟ |
| ଆବାସିକ ଗୃହର କ୍ଷତି | ସବୁ ପର୍ଯ୍ୟାୟରେ | ସକରାତ୍ମକ | ଅଧିକ |
| ଗୋଷ୍ଠୀ ଭିତ୍ତିଭୂମି ଏବଂ ସେବା | ନିର୍ମାଣ ସମୟରେ | ନକରାତ୍ମକ | ନାହିଁ |
| ଗୋଷ୍ଠୀ ସୁରକ୍ଷା ଓ ନିରାପତ୍ତା | ନିର୍ମାଣ ସମୟରେ | ନକରାତ୍ମକ | ନଗଣ୍ୟ |
| ଗୋଷ୍ଠୀ ସ୍ୱାସ୍ଥ୍ୟ | ନିର୍ମାଣ ସମୟରେ | ନକରାତ୍ମକ | ନଗଣ୍ୟ |
| ପରିବେଶ | ନିର୍ମାଣ ସମୟରେ | ନକରାତ୍ମକ | ନଗଣ୍ୟ |
| ସ୍ଥାନାନ୍ତର | ନିର୍ମାଣ ସମୟରେ | ନକରାତ୍ମକ | ଅଧିକ |

## ୬.୨ ଆର୍ଥିକ ଅବନତି ଜନିତ ବିପଦ ଆକଳନ

ପ୍ରକଳ୍ପ ପ୍ରଭାବିତ ଲୋକଙ୍କ ଆର୍ଥିକବିପତିକୁ କମାଇବା ପାଇଁ ପ୍ରଥମେ ଏହାକୁ ପ୍ରୋତ୍ସାହିତ କରୁଥିବା କାରଣ ଗୁଡିକୁ ଚିହ୍ନଟ କରିବା ଦରକାର । ସେଗୁଡିକ ହେଲା ।

**ଭୂମିହୀନ:** ପ୍ରସ୍ତାବିତ ଜମି ଅଧିଗ୍ରହଣ ଦ୍ଵାରା ୨ଟି ପରିବାର ଭୂମିହୀନ ହେବାର ସମ୍ଭାବନା ଅଛି ।

**ବେକାରି:** ଉକ୍ତ ପ୍ରକଳ୍ପରେ କେହି ବୃତ୍ତି ହରାଉ ନାହାନ୍ତି ।

**ଗୃହହୀନ:** ଉକ୍ତ ପ୍ରକଳ୍ପ ଦ୍ଵାରା ୨ଟି ପରିବାର ଗୃହହୀନ ହେବାର ସମ୍ଭାବନା ଅଛି ।

**ସର୍ବସାଧାରଣ ସଂପତି ଅଧିକାରରୁ ବଂଚିତ:** ଉକ୍ତ ପ୍ରକଳ୍ପଦ୍ଵାରା କୌଣସି ସର୍ବସାଧାରଣ ସଂପତ୍ତି କ୍ଷତିଗ୍ରସ୍ତ ହେବାର ସମ୍ଭାବନାନାହିଁ ।

**ଅତିଗରିବ ଶ୍ରେଣୀ:** ଉକ୍ତ ପ୍ରକଳ୍ପ ଦ୍ଵାରା କେହି ଅତିଗରିବ ହେବେନାହିଁ ।

ଉପରୋକ୍ତ ଅନୁଶୀଳନରୁ ଜଣାଗଲା ଯେ ପ୍ରସ୍ତାବିତ ନବନିର୍ମିତ ମହାଅଧିବକ୍ତାଙ୍କ କାର୍ଯ୍ୟାଳୟ ନିମନ୍ତେ ଯାନରହଣୀ ସ୍ଥଳ ନିର୍ମାଣ ପ୍ରକଳ୍ପ ଦ୍ଵାରା କାହାକୁ କୌଣସି ବିପଦର ସମ୍ଭାବନା ନାହିଁ ।

*****

ଅଧ୍ୟାୟ-୭

# ସାମାଜିକ ପ୍ରଭାବ ପରିଚାଳନା ଯୋଜନା

ଯେତେ ବୁଦ୍ଧିବଳ ପ୍ରୟୋଗକରି ଯୋଜନା ଓ ନକ୍ସା କଲେ ମଧ୍ୟ କେଉଁଠି ନା କେଉଁଠି ଦୋଷ ଦୁର୍ବଳତା ରହିଯାଇଥାଏ । ଯାହାକି ପ୍ରଭାବିତ ଅଂଚଳବାସୀଙ୍କ ଉପରେ ନକରାତ୍ମକ ପ୍ରଭାବ ପକାଇଥାଏ, ବିଶେଷ କରି ଯେତେବେଳେ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ଆରମ୍ଭ ହୁଏ । ତେଣୁ ଏହି ପ୍ରକାର ସମସ୍ୟାକୁ ପ୍ରତିହତ କରିବା ପାଇଁ ଏକ ସୁପରିକଳ୍ପିତ ଜନକେନ୍ଦ୍ରିକ ପ୍ରତିହତ ଯୋଜନା ଜରୁରୀ ଅଟେ ।

ସାମାଜିକ ପ୍ରଭାବ ପରିଚାଳନା ଯୋଜନାର ମୂଳ ଉଦ୍ଦେଶ୍ୟ ହେଲା ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ବେଳେ ସାମାଜିକ ଓ ପରିବେଶଜନିତ ସୃଷ୍ଟି ସମସ୍ୟାର ସମାଧାନ ପାଇଁ ଆବଶ୍ୟକ ପ୍ରତିହତ ଯୋଜନା ପ୍ରସ୍ତୁତ କରିବା । ପୂର୍ବ ଅଧ୍ୟାୟରେ ଆମେ ବିସ୍ତୃତ ଭାବରେ ସାମାଜିକ, ଆର୍ଥିକ, ପରିବେଶ ଏବଂ ସାଂସ୍କୃତିକ ସ୍ତରରେ କିପରି ପ୍ରଭାବ ରହିବ ତାର ଲାଭ କ୍ଷତି ଆଧାରରେ ବିଶ୍ଳେଷଣ କରି ସାରିଛନ୍ତି । ଅଧ୍ୟୟନରେ ଚିହ୍ନଟ ହୋଇଥିବା ଅତ୍ୟଧିକ କ୍ଷତିପ୍ରବଣ କ୍ଷେତ୍ରକୁ ଗୁରୁତ୍ୱ ଦେଇ ଆବଶ୍ୟକ ପ୍ରତିହତ ଯୋଜନା ପ୍ରସ୍ତୁତ କରାଯାଇଛି । ପ୍ରତିହତ ଯୋଜନା ପ୍ରସ୍ତୁତ ସମୟରେ ଉତରଦାତାଙ୍କ ମତାମତକୁ ଗୁରୁତ୍ୱ ଦେବା ସହିତ ନ୍ୟାୟୋଚିତ କ୍ଷତିପୂରଣ ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍ ୨୦୧୩କୁ ମଧ୍ୟ ବିଚାରକୁ ନିଆଯାଇଛି । ଏହା ମଧ୍ୟ ସତ୍ୟ ଯେ ଏହି ସବୁ ଯୋଜନା ପ୍ରସ୍ତୁତ ହେଲେ ମଧ୍ୟ ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା ତଥା ବିଭାଗୀୟ ଅଧିକାରୀ ଏବଂ ଜନସାଧାରଣଙ୍କ ସଂଶ୍ଳିଷ୍ଟ ବିନା ପ୍ରକଳ୍ପରୁ ଆଶାନୁରୁପ ଲାଭ ମିଳି ନ ପାରେ ।

## ୭.୧ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ନିମ୍ନ ପଦ୍ଧତି ଉପରେ ଆଧାରିତ

- ଅଧ୍ୟୟନ ଦଳ ଲୋକଙ୍କ ସହିତ ଆଲୋଚନା ମାଧ୍ୟମରେ ପ୍ରକଳ୍ପର ସମସ୍ୟା ଓ ସୁଯୋଗକୁ ବୁଝିବା ।
- ସମ୍ଭାବ୍ୟ ଲାଭ ଏବଂ କ୍ଷତିକୁ ଚିହ୍ନଟ ।
- ଲୋକଙ୍କ ସହଭାଗିତାରେ ପ୍ରତିହତ କୌଶଳ ପ୍ରସ୍ତୁତ ।
- ଲୋକଙ୍କ ଦ୍ୱାରା ଗ୍ରହଣୀୟ ହେଲା ଭଳି ପରିଚାଳନାଗତ ଅଭ୍ୟାସ ଏବଂ ଏକ ଉପଯୁକ୍ତ ତଦାରଖ ଏବଂ ସମୀକ୍ଷା ବ୍ୟବସ୍ଥା ସ୍ଥାପନ ।

## ୭.୨ ସାମାଜିକ ପ୍ରଭାବ ପରିଚାଳନା ଯୋଜନା

| କ୍ର.ନଂ | ଚିହ୍ନଟ ହୋଇଥିବା ପ୍ରଭାବ | ପ୍ରତିହତ ପଦକ୍ଷେପ | ପରିମାଣ | ଖର୍ଚ୍ଚ (ଟଙ୍କାରେ) | ଦାୟିତ୍ୱ |
|---|---|---|---|---|---|
| ୧ | ଜମି ସହିତ ଏକପୁରୁଣା ୨ ମହଲା ବିଶିଷ୍ଟ କୋଠାଘର ଓ ୨ଟି ଦୋକାନ ଗୃହ | • ସରକାରୀ ନିୟମ ମୁତାବକ କ୍ଷତିପୂରଣ ପ୍ରଦାନ<br>• ଠିକ ସମୟରେ କ୍ଷତି ପୂରଣପ୍ରଦାନ | ୦୩ ପରିବାର | ସରକାରୀ ନିୟମ ମୁତାବକ | ଭୂ-ଅର୍ଜନ ଅଧିକାରୀ ଓ ପୂର୍ତ୍ତବିଭାଗ କଟକ |

| | | | | | |
|---|---|---|---|---|---|
| | ହରାଇବେ । | | | | |
| ୨. | ପରିବେଶର କ୍ଷତି | ନିର୍ମାଣ ଏବଂ ପୁରୁଣା ଘର ଭାଙ୍ଗିବା ସମୟରେ ଧୂଳି ନିୟନ୍ତ୍ରଣ ପାଇଁ ବିହିତ ପଦକ୍ଷେପ ନେବା ଜରୁରୀ ଅଟେ । ଖାଲି ସ୍ଥାନରେ ବୃକ୍ଷରୋପଣ କରାଯାଇ ପାରେ | ଆବଶ୍ୟକ ମୁତାବକ | ଆବଶ୍ୟକ ମୁତାବକ | ପୂର୍ତ୍ତବିଭାଗ କଟକ<br>ବିଭାଜନ-୧ |

## ୭.୩ ତଦାରଖ ଏବଂ ଆନୁଷ୍ଠାନିକ ବ୍ୟବସ୍ଥା

ସାମାଜିକ ପ୍ରଭାବ ପରିଚାଳନା ଯୋଜନା ମୂଳତଃ ଉପଯୁକ୍ତ ଯୋଜନା ମାଧ୍ୟମରେ ପ୍ରତିକୂଳ ପ୍ରଭାବକୁ ହ୍ରାସ କରିବା ପାଇଁ କରାଯାଇଥାଏ । କ୍ଷତିଗ୍ରସ୍ତ ପରିବାର ଏବଂ ସଂପ୍ରଦାୟର କଲ୍ୟାଣ ପାଇଁ ବିଭିନ୍ନ ସ୍ତରରେ ଏକ ସଂପୂର୍ଣ୍ଣ ଆନୁଷ୍ଠାନିକ ବ୍ୟବସ୍ଥା ଯାହାକିRFCTLARR ଅଧିନିୟମ ୨୦୧୩ ଏବଂ ଓଡିଶା ସରକାରଙ୍କ ନିୟମାବଳୀ ୨୦୧୬ରେ ଉଲ୍ଲେଖ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଜମି ଅଧିଗ୍ରହଣ ଅଧିକାରୀ, ପ୍ରକଳ୍ପ ପ୍ରଶାସକ, ପ୍ରକଳ୍ପ ସ୍ତରୀୟ ଥଇଥାନ ଓ ପୁନର୍ବାସ କମିଟି, ରାଜ୍ୟସ୍ତରୀୟ ଗବେଷଣା ଏବଂ ପୁନରୁଦ୍ଧାର ତଦାରଖ କମିଟି ସମେତ ପ୍ରକଳ୍ପର ସଠିକ ରୂପାୟନ ପାଇଁ ଜିଲ୍ଲାପାଳ ପୁନର୍ବାସ ଓ ଥାଇଥାନ ଅଧିକାର ପ୍ରଦାନରେ ସହାୟତା ସମେତ ଜିଲ୍ଲା ପ୍ରଶାସନର ମୁଖ୍ୟଭାବେ ଦାୟିତ୍ୱ ତୁଲାଇବେ । ଉକ୍ତ ପ୍ରକଳ୍ପ ପାଇଁ ହୋଇଥିବା ତଦାରଖ ଏବଂ ଆନୁଷ୍ଠାନିକ ବ୍ୟବସ୍ଥାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| କ୍ର.ନଂ | କାର୍ଯ୍ୟକ୍ରମ | କାର୍ଯ୍ୟକାରୀତା | ତଦାରଖ ଅଧିକାରୀ |
|---|---|---|---|
| ୧ | ମିଳିତ ଏବଂ ନୂତନ ରାଜସ୍ୱ-ନଥିପତ୍ର / ସମସ୍ୟାର ସମାଧାନ | ତହସିଲଦାର ଏବଂ ଉପ-ଜିଲ୍ଲାପାଳ, କଟକ ସଦର | ଜିଲ୍ଲାପାଳ, କଟକ |
| ୨ | କ୍ଷତିପୂରଣ ରାଶି ନିର୍ଦ୍ଧାରଣ | ଜିଲ୍ଲା ସ୍ତରୀୟ କମିଟି, (ଜିଲ୍ଲାପାଳ) | ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ |
| ୩ | କ୍ଷତିପୂରଣ ପ୍ରଦାନ | କଟକ ଭୂ-ଅର୍ଜନ ଅଧିକାରୀ ଓ ସଂପୃକ୍ତ କର୍ତ୍ତୃପକ୍ଷପୃତବିଭାଗ କଟକ | ଉପ ଜିଲ୍ଲାପାଳ ଓ ଜିଲ୍ଲାପାଳ କଟକ |
| ୪ | ଅଭିଯୋଗ ସମାଧାନ | ସଂପୃକ୍ତ ଜିଲ୍ଲା ଭୂ-ଅର୍ଜନ ଅଧିକାରୀ ଓ ଜିଲ୍ଲାପାଳ | କ୍ଷମତା ପ୍ରାପ୍ତ ଅଧିକାରୀ |

*****

# ପ୍ରକଳ୍ପରୁ ଆଶା କରାଯାଉଥିବା ଲାଭ ଓ କ୍ଷତିର ବିଶ୍ଳେଷଣ ଏବଂ ସୁପାରିଶ

ସାଧାରଣତଃ ବିକାଶମୂଳକ ପ୍ରକଳ୍ପ ଗୁଡିକ ସମାଜର ହିତ ପାଇଁ କରାଯାଇଥାଏ । କିନ୍ତୁ ସମାନ୍ତରାଳ ଭାବେ ତା ଦ୍ୱାରା କିଛି ନକରାତ୍ମକ ପ୍ରଭାବ ମଧ୍ୟ ଦେଖିବାକୁ ମିଳିଥାଏ । ତଥାପି ସବୁ ପ୍ରକଳ୍ପକୁ ଆମେ ସମାନ ଦୃଷ୍ଟିରେ ଦେଖିଲେ ହେବ ନାହିଁ, କାରଣ କେଉଁଟା କେବଳ ଭଲ କେଉଁଟା କେବଳ ଖରାପ କହି ପାରିବା ନାହିଁ । ପ୍ରକଳ୍ପଟି ଯେଉଁ ଅଂଚଳରେ ହେଉଛି ସେମାନଙ୍କ ପାଇଁ କେତେ ମାତ୍ରାରେ ଲାଭଦାୟକ ଏବଂ କେତେ କ୍ଷତିକାରକ ତାକୁ ମାପିବାକୁ ପଡିବ । କିନ୍ତୁ ଏହା ଦେଖିବାକୁ ପଡିବ ଯେ ପ୍ରଭାବିତ ଅଂଚଳ ଉପରେ ଯେପରି ଏହାର କୁପ୍ରଭାବ କମରୁ ଅତିକମ୍ ମାତ୍ରାରେ ପଡିବ । ବାସ୍ତବରେ ଏହି ଅଧ୍ୟୟନ ହେଉଛି ଏକ ପ୍ରକ୍ରିୟା ଯାହାକି ପ୍ରକଳ୍ପ ଦ୍ୱାରା ସୃଷ୍ଟି ହେଉଥିବା ନକରାତ୍ମକ ପ୍ରଭାବକୁ କମାଇ ସକରାତ୍ମକ ପ୍ରଭାବକୁ ବୃଦ୍ଧି କରିବାରେ ସାହାଯ୍ୟ କରିବ ।

ଯେକୌଣସି ବିକାଶମୁଳକ ପ୍ରକଳ୍ପର ପ୍ରଭାବ ପ୍ରଥମେ ଏହାର ଅଂଚଳବାସୀ, ପରିବାର, ଗୋଷ୍ଠୀ ବା ଗାଁ ଉପରେ ପଡିଥାଏ । ଏହି ଅଧ୍ୟାୟରେ ଆମେ ପ୍ରକଳ୍ପର ପ୍ରଭାବକୁ ଲାଭ କ୍ଷତି ଆଧାରରେ ଅନୁଶୀଳନ କରିବା । ଲାଭ ଯେପରି ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ପରିଲକ୍ଷିତ ହୋଇଥାଏ, କ୍ଷତିକୁ ମଧ୍ୟ ସେହିପରି ଭାବରେ ଦେଖିବାକୁ ପଡିବ । ବର୍ତ୍ତମାନର ସାମାଜିକ ଆକଳନ ଅଧ୍ୟୟନ ହେଉଥିବା "ନବନିର୍ମିତ ମହାଅଧିବକ୍ତାଙ୍କ କାର୍ଯ୍ୟାଳୟ ନିମନ୍ତେ ଯାନବାହନ ରଖିବା ପାଇଁ ସ୍ଥାନ ନିର୍ମାଣ "ର ଲାଭକ୍ଷତିର ତୁଳନାତ୍ମକ ବିଶ୍ଳେଷଣ ନିମ୍ନ ସାରଣୀରେ ଉଲ୍ଲେଖ କରାଗଲା ।

| ପ୍ରଭାବିତ ଅଂଚଳ/ଦିଗ | ଆଶା କରାଯାଉଥିବା କ୍ଷତି | ଆଶା କରାଯାଉଥିବା ଲାଭ |
|---|---|---|
| ଆର୍ଥିକ | ଜମି ଏବଂ ଗୋଟିଏ ୨ ମହଲା ବିଶିଷ୍ଟ କୋଠା ଘରସହିତ ୨ଟି ଦୋକାନ ଗୃହ ହରାଇବେ | ମହାଅଧିବକ୍ତା କାର୍ଯ୍ୟାଳୟ ପାଇଁ ଯାନ ରହଣୀ ସ୍ଥଳ ମିଳିବ । |
| ସାମାଜିକ | ପଡୋଶୀ ଏବଂ ସାମାଜିକ ସଂମ୍ପର୍କ ହରାଇବେ । | ରାସ୍ତାରେ ସର୍ବସାଧାରଣଙ୍କ ପାଇଁ ଗମନାଗମନର ସୁଗମ ହେବ । |
| ସାଂସ୍କୃତିକ | - | ପୂର୍ବପରି ସାଂସ୍କୃତିକ କାର୍ଯ୍ୟକ୍ରମ ଜାରି ରହିବ । |
| ପରିବେଶ | ନିର୍ମାଣ ସମୟରେ ପରିବେଶ ପ୍ରଦୁଷଣ ବୃଦ୍ଧିର ସମ୍ଭାବନା ଅଛି । | ଅବକ୍ଷୟିତ ପରିବେଶକୁ ସୁରକ୍ଷିତ ରଖିବା ପାଇଁ ଆବଶ୍ୟକ ଓ ଉପଯୁକ୍ତ ପଦକ୍ଷେପ ନିଆଯିବ । |

ତେଣୁ ପ୍ରକଳ୍ପ କାର୍ଯ୍ୟକାରୀ ଦ୍ୱାରା କ୍ଷତି ଅପେକ୍ଷା ଲାଭ ଅଧିକ ହେବ ଏବଂ ନିକଟସ୍ଥ ରାସ୍ତାରେ ଭିଡ ନିୟନ୍ତ୍ରିତ ହେବା ସହିତ ସର୍ବସାଧାରଣଙ୍କ ଯାତାୟତ ସୁଗମ ହେବ ।

## ସୁପାରିଶ

ପ୍ରକଳ୍ପର ଲାଭ କ୍ଷତି ବିଶ୍ଳେଷଣ ଆଧାରରେ ତଳ ଲିଖିତ କିଛି ପଦକ୍ଷେପ ପାଇଁ ସୁପାରିଶ କରାଯାଇଛି । ଯାହା ଫଳରେ ନବନିର୍ମିତ ମହାଅଧିବକ୍ତାଙ୍କ କାର୍ଯ୍ୟାଳୟ ନିମନ୍ତେ ଯାନବାହନ ରଖିବା ପାଇଁ ସ୍ଥାନ ନିର୍ମାଣ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସଫଳତାର ସହ ସଂପାଦନ କରାଯାଇପାରିବ । ପ୍ରଭାବିତ ପରିବାର ଏବଂ ପ୍ରକଳ୍ପ ଅଧିକାରୀଙ୍କ ସହିତ ବିଚାରବିମର୍ଷ କରି ପୁନଶ୍ଚ ପରିବର୍ତ୍ତନ କରାଯାଇପାରେ ।

- କ୍ଷତିଗ୍ରସ୍ତ ଜମି ମାଲିକଙ୍କୁ ସେମାନଙ୍କ ଜମି ଏବଂ ଆବାସିକ ଘରର ସଠିକ ମୁଲ୍ୟାୟନ କରି ଉପୁଯୁକ୍ତ କ୍ଷତିପୂରଣ ରାଶି ପୈଠ କରିବା ଦରକାର ।
- କ୍ଷତିପୁରଣ ରାଶି ପ୍ରଚଳିତ/ପରିବର୍ତ୍ତିତ ସରକାରୀ ଦର ଏବଂ ନୀତି ଆଧାରରେ ହେବା ଉଚିତ ।
- ପ୍ରାୟତଃ ସମସ୍ତ ପ୍ରଭାବିତ ପରିବାର ଉପୁଯୁକ୍ତ କ୍ଷତିପୁରଣ ରାଶି ବଦଳରେ ସରକାରଙ୍କୁ ଜମି ହସ୍ତାନ୍ତର କରିବାକୁ ଇଛୁକ ଅଛନ୍ତି । ତେଣୁ ମୋଟାମୋଟି ପ୍ରକଳ୍ପର ପ୍ରଭାବ ସକରାତ୍ମକ ଅଟେ ।
- ପ୍ରସ୍ତାବିତ ଜମିଟି ୩ଟି ପରିବାରର ମାଲିକାନରେ ରହିବା ସହିତ ବିବାଦିୟ ଅଟେ । ନିଜକୁ ସ୍ୱର୍ଗତ-ଦୁର୍ଗା ମାଧବ ମିଶ୍ରଙ୍କର ପତ୍ନୀ ପରିଚୟ ଦେଇ ଶ୍ରୀମତୀ କ୍ଷୀରହ୍ଵିତନୟା ଉଦ୍‌ଗାତା ବର୍ତ୍ତମାନ ଦଖଲରେ ଅଛନ୍ତି । ତେଣୁ ପ୍ରଭାବିତ ପରିବାରଙ୍କ ସଠିକ ପରିଚୟ ଅନୁସନ୍ଧାନ କରି ଉପଯୁକ୍ତ ସରକାରୀ ନିୟମ ମୁତାବକ କ୍ଷତିପୁରଣ ରାଶି ପ୍ରଦାନ କରାଯିବା ଉଚିତ ।

## ଉପସଂହାର

କ୍ଷତିଗ୍ରସ୍ତ ପରିବାରଗୁଡ଼ିକ ଉପରେ କିଛି ପ୍ରତିକୂଳ ପ୍ରଭାବ ଥିଲେ ସୁଦ୍ଧା ଜାତୀୟ ନବନିର୍ମିତ ମହାଅଧିବକ୍ତାଙ୍କ କାର୍ଯ୍ୟାଳୟ ନିମନ୍ତେ ଯାନବାହନ ରଖିବା ପାଇଁ ସ୍ଥାନ ନିର୍ମାଣ ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା ନିଶ୍ଚିତ ରୂପେ ଉପଯୁକ୍ତ ପଦକ୍ଷେପ ନେଇ ନକରାତ୍ମକ ପ୍ରଭାବଗୁଡ଼ିକୁ କମ କରିବାକୁ ଚେଷ୍ଟା କରିବେ । ପ୍ରକଳ୍ପ ଅଞ୍ଚଳରେ ଜମି ଅଧିଗ୍ରହଣ ହେଉଥିବାରୁ ଲୋକମାନେ ବ୍ୟକ୍ତିଗତ ଓ ସାମୁହିକ ସ୍ତରରେ କିଛି କ୍ଷତି ସହିବେ । ତେଣୁ ରାଷ୍ଟ୍ର ନିର୍ମାଣ ପାଇଁ ସେମାନଙ୍କର ଅବଦାନକୁ ସାରା ରାଜ୍ୟ ତଥା ଦେଶ ମନେରଖିବ ।

*****

# ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ଜନ ଶୁଣାଣି ବିବରଣୀ

## ସ୍ଥାନ: ପୁରୁଣା ସମ୍ମିଳନୀ କକ୍ଷ ଜିଲ୍ଲାପାଳ କାର୍ଯ୍ୟାଳୟ, କଟକ

## ତାରିଖ: ୨୨.୦୪.୨୦୨୬



ଅଦ୍ୟ ତା. ୨୨.୦୪.୨୦୨୬ ରିଖ ଦିବା ଘ. ୧୧.୦୦ ଘଟିକା ସମୟରେ ପୁରୁଣା ସମ୍ମିଳନୀ କକ୍ଷ ଜିଲ୍ଲାପାଳ କାର୍ଯ୍ୟାଳୟ କଟକ ଠାରେ ମହାଧିବକ୍ତା ଓଡିଶା ସରକାରଙ୍କ ନୂତନ କାର୍ଯ୍ୟାଳୟର ଯାନବାହନ ରଖିବା ସ୍ଥାନ ନିର୍ମାଣ ପାଇଁ ବ୍ୟକ୍ତିଗତ ଜମି ହରାଉଥିବା ପରିବାର ମାନଙ୍କୁ ନେଇ ପ୍ରକଳ୍ପର ସାମାଜିକ ପ୍ରଭାବ ଆକଳନ ସଂପର୍କିତ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ କଟକ ଜିଲ୍ଲାର ନୟାସଡକରେ ବସବାସ କରୁଥିବା ୩ଟି ପ୍ରଭାବିତ ପରିବାର ମଧ୍ୟରୁ ମୋଟ ୩୦ ଜଣ ଅଂଶ ଗ୍ରହଣ କରିଥିଲେ । ଏଥିରେ ଗ୍ରାମବାସୀଙ୍କ ବ୍ୟତୀତ ସ୍ଥାନୀୟ  ୟୁନିଟ୍-୧୪ ନୟାସଡକର ୩ଟି ପ୍ରଭାବିତ ପରିବାର ଏବଂ ବିଭାଗୀୟ ସରକାରୀ ଅଧିକାରୀ ଯଥା- ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କଟକ,  ତହସିଲଦାର ଏବଂ ଭୂଅର୍ଜନ ଅଧିକାରୀ କଟକ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ ଅଧ୍ୟୟନକାରୀ ସଂସ୍ଥା ଅଗ୍ରଣୀର ପ୍ରତିନିଧି ଉପସ୍ଥିତ ଥିଲେ ।

ନୂତନ ଭୂମି ଅଧିଗ୍ରହଣ ଆଇନ ଅନୁସାରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ -୨୦୧୩ ମୁତାବକ ସର୍ବସାଧାରଣ ଉଦ୍ଦେଶ୍ୟରେ ବ୍ୟକ୍ତିଗତ ଜମି ଅଧିଗ୍ରହଣ ଦରକାର ପଡିଲେ ସାମାଜିକ ଆକଳନ ବିବରଣୀ ଏବଂ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ପ୍ରସ୍ତୁତ ପରେ ଜନଶୁଣାଣି ବାଧ୍ୟତା ମୂଳକ ଅଟେ । ତେଣୁ ନୂତନ ଭୂ-ଅଧିଗ୍ରହଣ, ଥଇଥାନ ଏବଂ ପୁନର୍ବାସ ନୀତି ମୁତାବକ ଏହି ଜନଶୁଣାଣି କରା ଯାଇଅଛି ।

### ଅଧ୍ୟୟନର ମୂଳ ଉଦ୍ଦେଶ୍ୟ ହେଲା:

- ତଥ୍ୟ ପ୍ରଦାନରେ ସ୍ୱଚ୍ଛତା ରକ୍ଷା ଏବଂ ସମସ୍ତ ପକ୍ଷଙ୍କୁ ସୂଚିତ କରିବା ।
- ମହାଧିବକ୍ତା ଓଡିଶା ସରକାରଙ୍କ ନୂତନ କାର୍ଯ୍ୟାଳୟର ଯାନବାହନ ରଖିବା ସ୍ଥାନ ନିର୍ମାଣ ପାଇଁ ସାମାଜିକ ପ୍ରଭାବ ଆକଳନ ବିବରଣୀର ନିଷ୍କର୍ଷକୁ ହିତାଧିକାରୀଙ୍କ ସମ୍ମୁଖରେ ଉପସ୍ଥାପନା କରିବା
- ଅଧିଗ୍ରହଣ ପରବର୍ତ୍ତୀ ସମସ୍ୟାର ଚିହ୍ନଟ ଏବଂ ସମାଧାନ ପାଇଁ ସହାୟତା ପ୍ରଦାନ କରିବା ।

- ବିବରଣୀର ନିଷ୍କର୍ଷ ଉପରେ ମତାମତ ଏବଂ ଅତିରିକ୍ତ ତଥ୍ୟ ସଂଗ୍ରହ କରିବା ।

- ଚୁଡାନ୍ତ ସାମାଜିକ ପ୍ରଭାବ ଆକଳନ ବିବରଣୀରେ ଲୋକଙ୍କ ମତାମତ ଓ ସଠିକ ତଥ୍ୟକୁ ସ୍ଥାନିତ କରିବା ।



ଆଜିର ବୈଠକରେ ଅତିରିକ୍ତ ଜିଲ୍ଲାପାଳ କଟକ ସଭାପତିତ୍ୱ କରିବା ସହିତ ସଭା ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ ଜଣାଇ ଉପର ବର୍ଣ୍ଣିତ ଜନଶୁଣାଣିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ସମସ୍ତଙ୍କୁ ଅବଗତ କରାଇ ଥିଲେ । ତାପରେ ସାମାଜିକ ପ୍ରଭାବ ଆକଳନ ବିରଣୀ ପ୍ରସ୍ତୁତ କରିଥିବା ସଂସ୍ଥା ଅଗ୍ରଣୀକୁ ବିବରଣୀ ଉପସ୍ଥାପନ କରିବା ପାଇଁ କହିଥିଲେ । ଯାହାର ମୁଖ୍ୟାଂଶ ଗୁଡିକ ନିମ୍ନରେ ପ୍ରଦତ୍ତ କରାଗଲା ।

## ଅଧ୍ୟୟନର ସାରାଂଶ

- ପ୍ରକଳ୍ପର ଉଦ୍ଦେଶ୍ୟକୁ ଦୃଷ୍ଟିରେ ରଖି ଉଭୟ ଜନଗଣନା ଏବଂ ନମୁନା ସର୍ବେକ୍ଷଣ ପଦ୍ଧତି ବ୍ୟବହାର କରି ଅଧ୍ୟୟନ କରାଯାଇଛି ।

- ଉକ୍ତ ଅଧ୍ୟୟନରେ ପ୍ରତ୍ୟେକ୍ଷ ପ୍ରଭାବିତ ପରିବାରଙ୍କ ପାଇଁ ଜନଗଣନା ସର୍ବେକ୍ଷଣ ପଦ୍ଧତି ଏବଂ ପରୋକ୍ଷ ପ୍ରଭାବିତ ପରିବାରଙ୍କ ପାଇଁ ନମୁନା ସର୍ବେକ୍ଷଣ ପଦ୍ଧତି ଅନୁସରଣ କରାଯାଇଛି । ଏହା ସହିତ ସହଭାଗୀ ଗ୍ରାମୀଣ ଅବଧାରଣା (ପି.ଆର.ଏ) ସାମାଜିକ ଓ ସମ୍ବଳ ମାନଚିତ୍ର ଏବଂ ପ୍ରଭାବିତ ଅଂଚଳ ଲୋକଙ୍କ ସହିତ ବସି ସ୍ୱତନ୍ତ୍ର ଦଳଗତ ଆଲୋଚନାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି ।

- ସାଧାରଣତଃ କୌଣସି ପ୍ରକଳ୍ପର ଜମି ଅଧିଗ୍ରହଣ ପାଇଁ ଜମିର କ୍ଷତି ଓ କେତେକାଂଶରେ ଗ୍ରାମର ପରିବାର ମାନଙ୍କୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରଣ କରାଯାଇଥାଏ, ବର୍ତମାନର ମହାଧିବକ୍ତା ଓଡିଶା ସରକାରଙ୍କ ନୂତନ କାର୍ଯ୍ୟାଳୟର ଯାନବାହନ ରଖିବା ସ୍ଥାନ ନିର୍ମାଣ ପ୍ରକଳ୍ପ ପାଇଁ ୩ଟି ପରିବାରର ବ୍ୟକ୍ତିଗତ ଜମି ପ୍ରଭାବିତ ହେବ, ଯେଉଁମାନେ କି ଆଜକୁ ପ୍ରାୟ ୩ ବର୍ଷ ହେବ ଅନ୍ୟତ୍ର ବସବାସ କରି ଆସୁଛନ୍ତି ଏବଂ ନିଜସ୍ୱ ଗୃହଟି ପରିତ୍ୟକ୍ତ ଅବସ୍ଥାରେ ପଡି ରହିଛି ।

- ମହାଧିବକ୍ତା ଓଡିଶା ସରକାରଙ୍କ ନୂତନ କାର୍ଯ୍ୟାଳୟର ଯାନବାହନ ରଖିବା ସ୍ଥାନ ନିର୍ମାଣ ପ୍ରକଳ୍ପ ପାଇଁ ମୋଟ ୦.୧୧୯ ଏକର ଘରୋଇ ଜମି କଟକ ସହର ୟୁନିଟ-୧୪ ନୟାସଡକରୁ ଅଧିଗ୍ରହଣ କରାଯିବ । ତଥ୍ୟ ଆଧାରରେ ଏହା ସ୍ପଷ୍ଟ ଯେ ମୁଖ୍ୟତ ଘରବାରି ଜମି ସହିତ ପୁରୁଣା କୋଠାଘର ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବ । ପ୍ରସ୍ତାବିତ ପ୍ରକଳ୍ପ ହେବା ଦ୍ୱାରା ଏହି ଅଂଚଳରେ ଯାତାୟତ ସୁଗମ ହେବ ।

- ପ୍ରଭାବିତ ପରିବାରଙ୍କ ମତାମତରୁ ଜଣାଗଲା ଯେ,ସମସ୍ତ ୩ଟି ପ୍ରଭାବିତ ପରିବାର ଉପଯୁକ୍ତ କ୍ଷତିପୂରଣ ରାଶି ସହିତ ସେମାନଙ୍କର ଜମି ହସ୍ତାନ୍ତର କରିବାକୁ ରାଜି ଅଛନ୍ତି କାରଣ ସେମାନେ ଏହି ପରିତ୍ୟକ୍ତ ଘରେ କେହି ରହୁନାହାନ୍ତି ।

ସମସ୍ତ ପ୍ରଭାବିତ ପରିବାରଙ୍କ ଠାରୁ ଆପତ୍ତି ଅଭିଯୋଗ ଶୁଣିଲା ପରେ ସଭାପତି ମଂଚାସିନ ଅତିଥି ଅତିରିକ୍ତ ଜିଲ୍ଲାପାଳ ସେମାନଙ୍କ ମତାମତ ଉପସ୍ଥାପନା କରିବା ପାଇଁ କହିଥିଲେ । ଯାହାକି ନିମ୍ନ ସାରଣୀରେ ପ୍ରଦତ୍ତ କରାଗଲା

# ଜନଶୁଣାଣି ସମୟରେ ଲୋକଙ୍କଠାରୁ ମିଳିଥିବା ମତାମତ/ସମସ୍ୟା

## (ୟୁନିଟ୍-୧୪ ନୟାସଡକ କଟକ ପାଇଁ ଜନ ଶୁଣାଣି)

<table>
<tr><th>କ୍ର ନଂ</th><th>ଅଂଶ ଗ୍ରହଣକାରୀଙ୍କ ନାମ</th><th>ଲୋକଙ୍କ ଦ୍ୱାରା ସମସ୍ୟା ଉପସ୍ଥାପନା</th><th>ସଭାପତିଙ୍କ ଉତ୍ତର/ମତାମତ/ମନ୍ତବ୍ୟ</th></tr>
<tr><td>୧</td><td>ଶ୍ରୀଯୁକ୍ତ ଦାମୋଦର ମିଶ୍ର</td><td>ମୁଁ ଜାଣିବାକୁ ଚାହୁଁଛି ଯେ ବର୍ତ୍ତମାନ କ୍ଷତିପୁରଣ ବ୍ୟବସ୍ଥା କଣ ଅଛି, ଏଠାରେ ଜମିର ଦର କେତେ ଏବଂ ଆମର ଜମି ଏବଂ ଘର ବାବଦକୁ ମୋଟ କେତେ ଟଙ୍କା ମିଳିବ ।<br><br>ମୁଁ ସରକାରଙ୍କୁ ଜଣାଇବାକୁ ଚାହୁଁଛି ଯେ ଆମର ବିବାହିତ ଭଉଣୀ ଶ୍ରୀମତୀ ଗଜଲକ୍ଷ୍ମୀ ମିଶ୍ର ପୈତୃକ ସମ୍ପତ୍ତି ନ ନେବା ପାଇଁ ଏକ ଲିଖିତ ଇଛାପତ୍ର ପ୍ରଦାନ କରିଛନ୍ତି । ତେଣୁ କ୍ଷତିପୁରଣ ରାଶି ପ୍ରଦାନ ସମୟରେ ତାଙ୍କ ଦାବିକୁ ବିଚାରକୁ ନ ନେଇ ଆମ ଦୁଇ ଭାଇଙ୍କ ମଧ୍ୟରେ ବଂଟନ କରାଯାଉ ।</td><td rowspan="2">ପ୍ରଭାବିତ ପରିବାର ମାନଙ୍କ ଠାରୁ ବର୍ତ୍ତମାନ ସୁଦ୍ଧା ଆମେ ୨ଟି ଲିଖିତ ଏବଂ ଗୋଟିଏ ମୌଖିକ ଅଭିଯୋଗ ପାଇଛୁ । ଯାହାର କି ୦.୧୧୯ ଏକର ଜମି ପ୍ରସ୍ତାବିତ ପ୍ରକଳ୍ପ ପାଇଁ ପ୍ରଭାବିତ ହେବ । ଆପଣମାନେ କରିଥିବା ଅଭିଯୋଗ/ଜାଣିବାକୁ ଚାହୁଁଥିବା ତଥ୍ୟ ନିମ୍ନରେ ପ୍ରଦତ୍ତ କରାଗଲା:<br>• RFCTLARR ଅଧିନିୟମ ୨୦୧୩ ଏବଂ ନିୟମ ୨୦୧୬ ରେ ଧାର୍ଯ୍ୟ ବ୍ୟବସ୍ଥା ମୁତାବକ ପ୍ରଭାବିତ ହେବାକୁ ଥିବା ଜମି ଏବଂ ସମ୍ପତ୍ତିର ମୁଲ୍ୟ ନିର୍ଦ୍ଧାରଣ କରାଯିବ ।<br>• ପ୍ରଭାବିତ ଜମିର ଏକର ପ୍ରତି ବର୍ତ୍ତମାନର ସରକାରୀ ମୂଲ୍ୟ ୧୩.୫୦ କୋଟି ଟଙ୍କା ।<br>• ପ୍ରଭାବିତ ଜମି ଏବଂ ସମ୍ପତ୍ତିର ଆନୁମାନିକ ଅଟକଳ ଦର ୩.୭୬ କୋଟି ଟଙ୍କା ଅଟେ, ଯେଉଁଥିରେ ଜମି, ଘର, ଏବଂ ଅନ୍ୟାନ୍ୟ ଆସବାସ ପତ୍ର ଦର ସହିତ ୧୦୦% ଅତିରିକ୍ତ କ୍ଷତିପୁରଣ ରାଶି ରହିଛି ।<br>• କୌଣସି ପ୍ରକାର ସରକାରୀ ଚାକିରି ଏବଂ ଥଇଥାନ ବ୍ୟବସ୍ଥା ଉକ୍ତ ପ୍ରକଳ୍ପରେ ନାହିଁ ।</td></tr>
<tr><td>୨</td><td>କୁମାରୀ ହରପ୍ରିୟା ମିଶ୍ର ପିତା- √ଦୁର୍ଗାମାଧବ ମିଶ୍ର</td><td>ମୁଁ ଜାଣିବାକୁ ଚାହୁଁଛି ଯେ ବର୍ତ୍ତମାନ କ୍ଷତିପୁରଣ ଏବଂ ଥାଇଥାନ ବ୍ୟବସ୍ଥା କଣ ଅଛି, ଏଠାରେ ଜମିର ଦର କେତେ ଏବଂ ଆମର ଜମି ଏବଂ ଘର ବାବଦକୁ ମୋଟ କେତେ ଟଙ୍କା ମିଳିବ ।<br><br>ଏଥି ସହିତ ମୁଁ ଜାଣିବାକୁ ଚାହୁଁଛି ମୋର ଜମି ବଦଳରେ ଚାକିରିର ବ୍ୟବସ୍ଥା ଅଛି କି ?</td></tr>
</table>

| | | | |
|---|---|---|---|
| | | | ସମ୍ପତ୍ତିର ସମ୍ପୂର୍ଣ୍ଣ ମୂଲ୍ୟ ସହିତ ୧୦୦% ଅତିରିକ୍ତ କ୍ଷତି ଭରଣା ରାଶି କେବଳ ଟଙ୍କା ଆକାରରେ ହିତାଧିକାରୀଙ୍କୁ ପ୍ରଦାନ କରାଯିବ ।<br>• ଯାହା ଆପଣଙ୍କ କ୍ଷତିପୁରଣ ରାଶିକୁ ଭାଗବଣ୍ଟା ଏବଂ ଜମି ଦଖଲକୁ ନେଇ ପାରିବାରିକ କଳହ ଏବଂ ସମସ୍ୟା ରହିଛି ତାକୁ ଆପଣ ମାନେ ଆପୋଷ ସହମତିରେ ସମାଧାନ କରନ୍ତୁ ନଚେତ ନ୍ୟାୟଳୟର ଆଶ୍ରୟ ନେଇ ପାରନ୍ତି ।<br>• ଅତିରିକ୍ତ ଜିଲ୍ଲାପାଳ ମହୋଦୟ ଉପସ୍ଥିତ କଟକ ସଦର ତହସିଲଦାର ଏବଂ ଗୃହ ଏବଂ ରାସ୍ତା ନିର୍ମାଣ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ କି ଗୃହ କର୍ତ୍ତାଙ୍କ ଉପସ୍ଥିତିରେ ପୁନର୍ବାର ଗୃହ/ଜମିର ମିଳିତ ପରିଦର୍ଶନ କରି ଯଥା ଶିଘ୍ର ଜିଲ୍ଲା ଭୂ-ଅର୍ଜନ ଅଧିକାରୀଙ୍କୁ ବିବରଣୀ ପ୍ରଦାନ କଲେ ସମ୍ପତ୍ତିର ପୁନଃ ଦର ନିର୍ଦ୍ଧାରଣ କରି ପରବର୍ତ୍ତୀ ପ୍ରକ୍ରିୟା ଆରମ୍ଭ କରାଯିବ । |
| ୩ | ଶ୍ରୀଯୁକ୍ତ ଦୁର୍ଲଭ ମିଶ୍ର | ମୁଁ ସ୍ୱର୍ଗତ ଦୁର୍ଗାମାଧବଙ୍କର ଏକ ମାତ୍ର ପୁତ୍ର ଅଟେ । ମୁଁ ମୋର ମାଆ ଶ୍ରୀମତୀ କ୍ଷୀରବ୍ଧିତନୟା ଉଦ୍‌ଗାତାଙ୍କ ସହିତ ଉକ୍ତ ଘରେ ରହି ଆସୁଅଛୁ । ଯଦି ଆମର ଜମି ସରକାର ନେଇଯିବେ ଆମେ କୁଆଡେ ଯିବୁ । ତେଣୁ ମୁଁ ସରକାରଙ୍କ ଅନୁରୋଧ କରୁଛି କି ଆମର ଥଇଥାନର ବ୍ୟବସ୍ଥା କରନ୍ତୁ । | |
| ୪ | ଶ୍ରୀମତୀ ଗଜଲକ୍ଷ୍ମୀ ମିଶ୍ର | ମୁଁ ଉକ୍ତ ଯୌଥ ସମ୍ପତ୍ତିର ଏକ ମାଲିକ ହୋଇଥିବାରୁ ମୋତେ କ୍ଷତିପୁରଣ ରାଶିର ଏକତୃତୀୟାଂଶ ମିଳୁ । ତେଣୁ ମୁଁ ସରକାରଙ୍କୁ ଅନୁରୋଧ କରୁଛି କି ମୋର ଦାବିକୁ ବିଚାରକୁ ନିଆଯାଉ । | |

ଶେଷରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କଟକ ସମସ୍ତ ପ୍ରକଳ୍ପ ପ୍ରଭାବିତ ପରିବାରଙ୍କୁ ଆଶ୍ୱାସନା ଦେଇଥିଲେ କି ଜିଲ୍ଲା ପ୍ରଶାସନ ତଥା ପ୍ରକଳ୍ପ ଅଧିକାରୀଙ୍କ ତରଫରୁ ଆଇନ ପରିସର ମଧ୍ୟରେ ରହି ସମସ୍ତ ପ୍ରକାରର ସାହାଯ୍ୟ ଏବଂ ସହଯୋଗ ଯୋଗାଇ ଦିଆଯିବ । ସର୍ବଶେଷରେ ସମସ୍ତ ଉପସ୍ଥିତ ଅଂଶଗ୍ରହଣକାରୀ ଏବଂ ସରକାରୀ ଅଧିକାରୀ ମାନଙ୍କୁ ସେମାନଙ୍କର ଦେଇଥିବା ବହୁମୂଲ୍ୟ ମତାମତ ଏବଂ ପରାମର୍ଶ ପାଇଁ ଧନ୍ୟବାଦ ଦେଇ ସଭା ଭଙ୍ଗ କରାଗଲା ।

# ATTENDANCE SHEET

**(PUBLIC HEARING FOR PROVIDING PARKING SPACE FOR THE NEW OFFICE BUILDING OF THE ADVOCATE GENERAL ODISHA CONSTRUCTED IN FRONT OF HON'BLE ORISSA HIGH COURT, CUTTACK)**

**Venue: Old conference Hall, Collectorate, Cuttack**
**Date: 22.04.2026 Time: 11.00 AM**
**Organized by: District Administration Cuttack, NCDS & AGRANEE**

| Sl.no | Name | Designation & Address | Signature |
|---|---|---|---|
| 1 | Dibya Lochan Mohanty | ADM (Rev), Ctc | [signature] 22.04.2026 |
| 2 | Manmohan Pradhan | Team Member Agranee | [signature] 22/04/26 |
| 3 | Hemanta Ku. Sahu | Agranee. | [signature] 22/04/26 |
| 4 | Subhadarshan Mishra | Dy. Collector Sub-Collector office, Cuttack Sadar | [signature] 22/4/26 |
| 5 | Devdutt Pradhan | Tdr Ctc Sadar | [signature] 22/04/26 |
| 6 | Soumya Sefaniše | LAO (Civil), Cuttack | [signature] 22/4/26 |
| 7 | Deepak Kumar Sethi | Special officer Ab. ypu, Cuttk | [signature] 22/4 |
| 8 | P.K. Mudule. | Consultant o/o Advocat General Odisha. | [signature] 22/4/26. |
| 9 | Bhabani Shankar Mohanty. | Asst. Section officer o/o the AG, odisha | [signature] 22/4/26 |
| 10 | Srikanta Dalai | Asst. Section officer o/o the AG, Odisha | [signature] 22/04/26 |

| Sl.no | Name | Designation & Address | Signature |
|---|---|---|---|
| 11 | Chinmaya Satapathy | Sakhigopal Jaypur | [signature] |
| 12 | Monika Mishra | chandini chowk, Near Lalbag police station | [signature] |
| 13 | Swati Mishra | chandini chowk Near Lalbag police station | Swati Mishra |
| 14 | Gajalaxmi Satapathy | Sakhigopal, Jaipur | 7837772244 Gajalaxmi Satapathy |
| 15 | Harapriya Mishra | Chandini Chowk Near Lalbag P.S. Cuttack | H Mishra 7978529171 22/04/26 |
| 16 | Geetanjali Majhi | Chandini Chowk Cuttack | Majhi 22.04.2026 |
| 17 | Kshirabdhi Tanaya Udgata. | Chandini Chowck Near Lalbag P. S. | K.T. Udgata. 22/04/2026 |
| 18 | Doorlav Mishra | chandinichowk Near lalbag P.S Cuttack | Doorlav Mishra. 22/04/26. |
| 19 | Akshaya Kr Behera | Baribati Cuttack | A.Kshaya Kr Behera 22/4/2026 |
| 20 | Suprava Kumari Udgata | Puri, Cuttack | Udgata / 22.4.2026 |
| 21 | [illegible] Sahu | S.O. LA[illegible] | [signature] 22.4.26 |
| 22. | [illegible] | [illegible] | [signature] |
| | | | |

| Sl.No | Name | Designation & Address | Signature |
|---|---|---|---|
| 24 | Nilachalesh Pradhan. | R.I. LA Section Collectorate Cuttack. | [signature] 22/04/26 |
| 25 | Bisnaranjan Routray | RI, Cuttack Sadar | [signature] 22/4/26 |
| 26 | Dibyasmita Dhansam Behera | R.I LA Section Collectorate Cuttack | [signature] 22/04/26 |
| 27 | Priyadarshini Rout. | JEO, CMC | [signature] 22/04/26 |
| 28 | Debendra Kumar Behera | E.E RCD-I | [signature] 22/4/26. |
| 29 | Damodar Misra | ~~M. S. Mohanty~~. | [signature] 22.4.26. |
| 30 | Madhu Sudan Mohanty | Advocate | [signature] |
| 31 | | | |
| 32 | | | |
| 33 | | | |
| 34 | | | |
| 35 | | | |
| 36 | | | |
| 37 | | | |
| 38 | | | |

ଓଡିଶା ସରକାର

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

****

**No.RDM-LAA-CTC-0001-2026- 5218 /R&DM, Dated 04 FEB 2026**

**ସାମାଜିକ ପ୍ରଭାବ ନିର୍ଦ୍ଧାରଣ ନିମନ୍ତେ ଅଧିସୂଚନା**

ରାଜ୍ୟ ସରକାର ପ୍ରଭାବିତ କ୍ଷେତ୍ର ଜିଲ୍ଲାପାଳ, କଟକ ଙ୍କ ପରାମର୍ଶ କ୍ରମେ ନିମ୍ନଲିଖିତ ଭୂମି ଅଧିଗ୍ରହଣ କରିବାକୁ ଚାହୁଁଛନ୍ତି ଏବଂ ସେଥି ନିମନ୍ତେ ସର୍ବ ସାଧାରଣ ଉଦ୍ଦେଶ୍ୟରେ ପ୍ରଭାବିତ ଅଞ୍ଚଳରେ ସାମାଜିକ ପ୍ରଭାବ ନିର୍ଦ୍ଧାରଣ (Social Impact Assessment) ସର୍ବେକ୍ଷଣ କରିବାକୁ ଚାହୁଁଛନ୍ତି । ଭୂମି ଅର୍ଜନ, ପୁନର୍ବାସ ଓ ଥାଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଛତା ଅଧିକାର ଆଇନ ୨୦୧୩ ର ଧାରା ୪(୧) ଅନୁଯାୟୀ ଉକ୍ତ ସର୍ବେକ୍ଷଣ କରାଯିବ ।

**୧. ପ୍ରକଳ୍ପ ବିକାଶକାରୀଙ୍କ ନାମ:-** ଅତିରିକ୍ତ ସ୍ୱତନ୍ତ୍ର ଅଧିକାରୀ, ମହାଧିବକ୍ତା ଙ୍କ କାର୍ଯ୍ୟାଳୟ, ଓଡିଶା, କଟକ ।

**୨. ପ୍ରସ୍ତାବିତ ଭୂମି ଅଧିଗ୍ରହଣ ର ଉଦ୍ଦେଶ୍ୟ:-** ମହାଧିବକ୍ତା, ଓଡିଶା, କଟକ ଙ୍କ ନୂତନ କାର୍ଯ୍ୟାଳୟ ର ଯାନ ବାହନ ରଖିବା ସ୍ଥାନ ନିମନ୍ତେ ଭୂମି ଅଧିଗ୍ରହଣ, ମୌଜା- ୟୁନିଟ ନଂ-୧୪, ନୟାସଡକ, ଥାନା-ଲାଲବାଗ, ଜିଲ୍ଲା-କଟକ

**୩.SIA ସର୍ବେକ୍ଷଣ ଅନୁଷ୍ଠାନ:-** M/s. AGRANEE, Mayurbhanj, an empanelled agency under Nabakrushna Choudhary Centre for Development Studies, Bhubaneswar.

**୪. SIA study କରୁଥିବା ଅନୁଷ୍ଠାନର ଯୋଗାଯୋଗ ସୂଚନା:-** Nabakrushna Choudhary Centre for Development Studies, Bhubaneswar, Pin-751001 Phone No.(0674) 2300471, 7827451458.

**୫. ପ୍ରକଳ୍ପ ପାଇଁ କଟକ ଜିଲ୍ଲାରେ ପ୍ରସ୍ତାବିତ ଭୂମି ଅଧିଗ୍ରହଣର ବିବରଣୀ /ତଫସିଲ**

| କ୍ରମିକ ନଂ | ତହସିଲ | ଗ୍ରାମ | ବେସରକାରୀ ଜମି | ମନ୍ତବ୍ୟ |
|---|---|---|---|---|
| ୧ | ସଦର କଟକ | ୟୁନିଟ ନଂ-୧୪, ନୟାସଡକ | ଏ ୦.୧୧୯ | |
| ମୋଟ | | | ଏ ୦.୧୧୯ | |

ଏଥି ସହିତ ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଅଛି ।

**(କ) ପ୍ରସ୍ତାବିତ ପ୍ରକଳ୍ପ ର ସଂକ୍ଷିପ୍ତ ବିବରଣୀ:-** ମାନ୍ୟବର ଉଚ୍ଚ ନ୍ୟାୟାଳୟ, ଓଡିଶା ସମ୍ମୁଖରେ ଅବସ୍ଥିତ କଟକ ସଦର ତହସିଲ ଅନ୍ତର୍ଗତ ୟୁନିଟ ନଂ-୧୪, ନୟାସଡକ ମୌଜା ରେ ଏ ୦.୧୧୯ ପରିସୀମାରେ ମହାଧିବକ୍ତା, ଓଡିଶା, କଟକ ଙ୍କ ନୂତନ କାର୍ଯ୍ୟାଳୟ ର ଯାନ ବାହନ ରଖିବା ସ୍ଥାନ ନିମନ୍ତେ, ଅତିରିକ୍ତ ସ୍ୱତନ୍ତ୍ର ଅଧିକାରୀ, ମହାଧିବକ୍ତା ଙ୍କ କାର୍ଯ୍ୟାଳୟ, ଓଡିଶା, କଟକ ଦ୍ୱାରା ଭୂମି ଅଧିଗ୍ରହଣର ଆବଶ୍ୟକ ହେଉଅଛି ।

**(ଖ)SIA ସର୍ବେକ୍ଷଣରେ ଅନ୍ତର୍ଭୁକ୍ତ ପ୍ରକଳ୍ପ ଅଞ୍ଚଳ ଏବଂ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳ :-** କଟକ ଜିଲ୍ଲା ରେ ଉପରୋକ୍ତ ୧ ଗୋଟି ମୌଜା ରେ **ଏ ୦.୧୧୯** ଘରୋଇ ଜମି ଅନ୍ତର୍ଭୁକ୍ତ । ପ୍ରକଳ୍ପ ପ୍ରଭାବିତ ଜମିର ବିସ୍ତୃତ ତାଲିକା/ତଫସିଲ SIA ସର୍ବେକ୍ଷଣ ଅନ୍ତେ ମିଳି ପାରିବ ।

**(ଗ)** ଗ୍ରାମସଭା / ଭୂମି ମାଲିକଙ୍କ ସହମତି ଆବଶ୍ୟକ କି ? ଯଦି ଏହି ଅଧିଗ୍ରହଣ ଘରୋଇ କମ୍ପାନୀଙ୍କ ପାଇଁ ହେଉଥାଏ ତେବେ ୮୦ ପ୍ରତିଶତ ପ୍ରଭାବିତ ପରିବାରଙ୍କ ପୂର୍ବସମ୍ମତି ଆବଶ୍ୟକ ପଡ଼ିବ ଏବଂ ଯଦି ସରକାରୀ ବେସରକାରୀ ଭାଗିଦାରୀ ପ୍ରକଳ୍ପ ନିମନ୍ତେ ଏହି ଅଧିଗ୍ରହଣ ହେଉଥାଏ ତେବେ ୭୦ ପ୍ରତିଶତ ପ୍ରଭାବିତ ପରିବାରଙ୍କ ପୂର୍ବସମ୍ମତି ଆବଶ୍ୟକ ପଡ଼ିବ ।

(ଘ )SIA ସର୍ବେକ୍ଷଣର ପ୍ରାଥମିକ ଉଦ୍ଦେଶ୍ୟ ଏବଂ ମୁଖ୍ୟ କାର୍ଯ୍ୟାବଳୀ:- ସର୍ବସାଧାରଣ ଉଦ୍ଦେଶ୍ୟ ନିର୍ଦ୍ଧାରଣ ପ୍ରଭାବିତ ଅଞ୍ଚଳରେ ଥିବା ସମସ୍ତ ଗ୍ରାମବାସୀ ଙ୍କ ପରାମର୍ଶ କ୍ରମେ SIA ସର୍ବେକ୍ଷଣ କରାଯିବ। SIA ସର୍ବେକ୍ଷଣ କ୍ଷେତ୍ର ପରିଦର୍ଶନ, ପ୍ରଭାବିତ ବ୍ୟକ୍ତିଙ୍କ ସାମୁହିକ ଆଲୋଚନା ଏବଂ ପ୍ରଭାବିତ ବ୍ୟକ୍ତିଙ୍କ ମତାମତ ଚୁଡାନ୍ତ ରିପୋର୍ଟ ରେ ସ୍ଥାନିତ ହେବ। ପ୍ରଭାବିତ ଅଞ୍ଚଳରେ ଜନଶୁଣାଣି ପ୍ରକ୍ରିୟା ନିମନ୍ତେ ଓଡିଶା ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ନିୟମାବଳୀ ୨୦୧୬ ର ନିୟମ-୧୪ ଦ୍ରଷ୍ଟବ୍ୟ।

(ଙ)SIA ସର୍ବେକ୍ଷଣ ଆରମ୍ଭ ଏବଂ ସମାପନ ରିପୋର୍ଟ ପ୍ରଦାନ ଏବଂ ତାହାର ପ୍ରକାଶନ ସରକାରୀ ବିଜ୍ଞପ୍ତି ପ୍ରକାଶିତ ଦିବସଠାରୁ ୪୫ ଦିନ ମଧ୍ୟରେ SIA ସର୍ବେକ୍ଷଣ ସମାପନ କରାଯିବ। SIA ସର୍ବେକ୍ଷଣ ରିପୋର୍ଟ ସମ୍ପୃକ୍ତ ପ୍ରଭାବିତ ପଞ୍ଚାୟତ /ଗ୍ରାମ/ୱାର୍ଡ ସ୍ତରରେ ସ୍ଥାନୀୟ ଭାଷାରେ ପ୍ରକାଶନ କରାହେବ । ତତସହିତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ବ୍ଲକ ମହକୁମାରେ ପ୍ରକାଶନ କରାଯିବ ଏବଂ ସର୍ବସାଧାରଣଙ୍କ ଗୋଚରାର୍ଥେ ସରକାରଙ୍କ ୱେବ ସାଇଟ ରେ ସୂଚିତ ହେବ ।

ରାଜ୍ୟପାଳଙ୍କ ଆଦେଶାନୁସାରେ

(ସୁରଞ୍ଜନ ପ୍ରଧାନ )
ଅତିରିକ୍ତ ଶାସନ ସଚିବ

Memo No. 5219 /Rev & DM, Dated 04 FEB 2026

Copy along with the land schedule forwarded to the Director, Printing Stationery, Odisha, Cuttack for information and necessary. He is requested to publish the Notification in the next issue of the Odisha Gazette as this is a statutory one.

SRO Number may be allotted to this publication.

04/02/2026

Additional Secretary to Government

Memo No. 5220 /Rev & DM, Dated 04 FEB 2026

Copy forwarded to Law Department / Additional Special officer of office of the Advocate General, Odisha, Cuttack for information and necessary action.

04/02/2026

Additional Secretary to Government

Memo No. 5221 /Rev & DM, Dated 04 FEB 2026

Copy forwarded to RDC(CD), Cuttack /Collector, Cuttack / Land Acquisition Officer , Cuttack for information and necessary action.

04/02/2026

Additional Secretary to Government

Memo No. 5222 /Rev & DM, Dated 04 FEB 2026

Copy forwarded to the State Co-ordinator ,Nabakrushna Choudhury Centre for Development Studies ,Bhubaneswar ( *email: ncdsbbsr1987@gmail.com* ) for information and necessary action.

04/02/2026

Additional Secretary to Government

Memo No. 5223 /Rev & DM, Dated 04 FEB 2026

Copy forwarded to the e-Governance Branch of this Department with a request to upload the Notification in the website.

04/02/2026

Additional Secretary to Government

# ଭୂମି ଅନୁସୂଚୀ

"ମହାଧିବକ୍ତା, ଓଡିଶା, କଟକ ଙ୍କ ନୂତନ କାର୍ଯ୍ୟାଳୟ ର ଯାନ ବାହାନ ରଖିବା ସ୍ଥାନ ନିମନ୍ତେ ଭୂମି ଅଧିଗ୍ରହଣ"

ତହସିଲ- ସଦର କଟକ ମୌଜା- ୟୁନିଟ୍ ନଂ-୧୪, ନୟାସଡକ, ଥାନା- ଲାଲବାଗ ଜିଲ୍ଲା- କଟକ ।

| କ୍ର. ନଂ. | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ରୟତଙ୍କ ନାମ |
|---|---|---|---|---|---|---|
| ୧. | ୪୩୫/୨୦୩ | ୧୯୩୩ | ୦.୦୧୭୦ | ୦.୦୧୭୦ | ଘରବାରି ଏକ | ଦାମୋଦର ମିଶ୍ର, ଦୁର୍ଗାମାଧବ ମିଶ୍ର, ଗଜଲକ୍ଷ୍ମୀ ମିଶ୍ର ପି: ହାଡିବନ୍ଧୁ ମିଶ୍ର, ନେତ୍ରମଣୀ ମିଶ୍ର ସ୍ୱା: ହାଡିବନ୍ଧୁ ମିଶ୍ର ଜା: ବ୍ରାହ୍ମଣ ବା: ଚାନ୍ଦିନଚୌକ ଥା - ଲାଲବାଗ ଜି - କଟକ |
| ୨ | | ୧୯୩୨ | ୦.୦୦୪୦ | ୦.୦୦୪୦ | ଘରବାରି ଏକ | |
| ୩ | ୪୩୫/୧୪୩ | ୧୯୩୪ | ୦.୦୯୮୦ | ୦.୦୯୮୦ | ଘରବାରି ଏକ | ଦାମୋଦର ମିଶ୍ର, ଦୁର୍ଗାମାଧବ ମିଶ୍ର, ଗଜଲକ୍ଷ୍ମୀ ମିଶ୍ର ପି: ହାଡିବନ୍ଧୁ ମିଶ୍ର, ନେତ୍ରମଣୀ ମିଶ୍ର ସ୍ୱା: ହାଡିବନ୍ଧୁ ମିଶ୍ର ଜା: ବ୍ରାହ୍ମଣ ବା:ନିଜଗାଁ |
| | | | ମୋଟ | ୦.୧୧୯ | | |

ଭୂ-ଅର୍ଜନ ଅଧିକାରୀ (ପୌର), କଟକ

Land Acquisition Officer
(Civil) Cuttack


COLLECTOR,CUTTACK

**VILLAGE NAME: CUTTACK SAHAR, UNIT NO-14, NAYASADAK**
**TAHASIL; CUTTACK SADAR, DISTRICT: CUTTACK**

**(SIA Study of private land acquisition for providing parking space for the new office building of the Advocate General of Odisha, Cuttack)**

| Sl. No | Land Owner Name | Khata No | Plot No | Land to be Acquired (in acres) | Land Type | Respondent Name | Relation | Mobile No |
|---|---|---|---|---|---|---|---|---|
| 1 | Mr. Damodar Mishra | 435/203<br>-do-<br>435/143 | 1932<br>1933<br>1934 | 0.0170<br>0.0040<br>0.0980 | Home stead- 1 | Damodar Mishra | Self | 8658671358 |
| 2 | Mr. Durgamadhaba Mishar | -do- | -do- | -do- | -do- | Harapriya Mishra | Daughter | 7978525971 |
| 3 | Mrs. Gajalaxmi Mishra | -do- | -do- | -do- | -do- | Ramakanta Biswal | Guardian | 9861459028 |
| Total | 03 | 03 | 03 | 0.1190 | 01 | 03 | - | 03 |


# MAP OF BOUNDARY LINE IN WARD No. 13
## CUTTACK MUNICIPAL CORPORATION.




SURVEYOR
CMC

For MUNICIPAL COMMISSIONER
CUTTACK MUNICIPAL CORPORATION.

ମୌଜା : କଟକ ସହର ୟୁନିଟ ନଂ.୧୪ ଜାମ୍ବୁସାହିକ ଖଣ୍ଡ ୪
ଥାନା : ଲାଲବାଗ ନ.୪
ତହସିଲ : କଟକ ସଦର ୨୧୪
ଜିଲ୍ଲା : କଟକ
ସ୍କେଲ : ୧ ୧୬ ଇଂ = ମାଇଲ
ସନ : ୨୦୦୦ - ୨୦୦୧



| କ୍ର.ନଂ | Khata No. | Plot No. | Area | Kisam | R.T |
|---|---|---|---|---|---|
| ୧ | 435/203 | 1932 | 0.0040 | Gharabari-1 | Damodar Mishra & Others. |
| ୨ | 435/203 | 1933 | 0.0170 | -do- | -do- |
| ୩ | 435/143 | 1934 | 0.0980 | -do- | -do- |

[signature]
R.I. Khasmahal East